# ଜିଲାସ୍ତରୀୟ ଧାନମଣ୍ଡି ଶୁଭଆରମ୍ଭ




**ଗଞ୍ଜାମ,(ନି.ପ୍ର) :** ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଦାସପୁର ସେବା ସମବାୟ ସମିତି କୋଳଥି ଗାଁ ଠାରେ ଶୁକ୍ରବାର ଜିଲାସ୍ତରିୟ ଧାନମଣ୍ଡି ଶୁଭ ଆରମ୍ଭ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୁତି ଭୂଷଣ ଜେନା ଯୋଗଦେଇ ଶୁଭାରମ୍ଭ କରିଥିବାବେଳେ ଅନ୍ୟ ଅତିଥିମାନେ ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଯୋଗାଣ ଅଧିକାରୀ ପୁସା ମୁଣ୍ଡା, କୋଳଥିଗାଁ ସରପଞ୍ଚ ଜଗମୋହନ ପାତ୍ର, ଦାସପୁର ସେବା ସମବାୟ ସମିତି ସଭାପତି ବ୍ରଜମୋହନ ନାହାକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କନିସି ତହସିଲଦାର କବି ରାଜ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ସଭାପତିତ୍ୱ କରିଥିଲେ । ଭଲ ଧାନ ଓ ଭିଜା ଧାନକୁ ଅଲଗା କରି ମଣ୍ଡିରେ ଦେବା ପାଇଁ ମନ୍ତ୍ରୀ ଜେନା କହିଥିଲେ ଓ ଏହି ସରକାର ଚାଷୀଙ୍କ ସରକାର ଏହାର ଭରପୁର ସୁଯୋଗ ନେବା ପାଇଁ ଆହ୍ୱାନ କରିଥିଲେ । ଗତ ବର୍ଷ ଏହି ମଣ୍ଡି ରେ ୯୦୦୦ କୁଇଣ୍ଟାଲ ଧାନ ଉଠି ଥିବା ବେଳେ ଚଳିତ ବର୍ଷ ଅଦିନିଆ ବର୍ଷା ରେ ଚାଷୀ କ୍ଷତି ସହି ହୋଇଥିବା ହେତୁ ୮୮୯୨ କୁଇଣ୍ଟାଲ ଧାନ ଉଠେଇ ବା ପାଇଁ ବ୍ୟବସ୍ଥା ହୋଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ପୂର୍ବରୁ ଗଞ୍ଜାମ ଜିଲାରେ ଡିସେମ୍ବର ୨୩ ଧାନମଣ୍ଡି ଖୋଲିବାକୁ ସ୍ଥିର ହୋଇଥିବା ବେଳେ ଅଦିନିଆ ବର୍ଷା ଯୋଗୁ ଜିଲାପାଳ ମଣ୍ଡି ତାରିଖ ଘୁଞ୍ଚାଇଥିଲେ । ଏହି ଅବସରରେ ଅତିରିକ୍ତ ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ବାଗ, ଉପ ଖଣ୍ଡ ଯୋଗାଣ ଅଧିକାରୀ ଶଙ୍କଲେସୱର ଦାସ,ଏଆରସିଏସ ପର୍ଶୁରାମ ପାତ୍ର, ସମବାୟ ନିରକ୍ଷକ ସସ୍ମିତା ମାଳି ରଙ୍ଗେଇଲୁଣ୍ଡା ଯୋଗାଣ ନୀରିକ୍ଷକ ସମ୍ପିତ ପ୍ରସାଦ ଦାସ, ସମିତି ସଭ୍ୟ ତନୁଯା ବେହେରା,ସୁନୀଲ ପାତ୍ର ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ବ୍ରହ୍ମଗିରି,(ନି.ପ୍ର) :** ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକର ବ୍ରହ୍ମଗିରି ରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଉନବିଂଶ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ଆଇନିଜୀବୀ ରମାଶଙ୍କର ପାତ୍ର ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସନ୍ତୋଷ କୁମାର ସେଠୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓଡ଼ିଶା ସରକାର ସମ୍ମାନିତ ଅତିଥି ଭାବେ ଶଶୀଭୂଷଣ ମିଶ୍ର ତହସିଲଦାର ବ୍ରହ୍ମଗିରି ,କୃଷ୍ଣଚନ୍ଦ୍ର ସାହୁ , ରଜନୀକାନ୍ତ ଷଡ଼ଙ୍ଗୀ , ଅମୂଲ୍ୟ କୁମାର ସିନ୍ଦୁରା ବରିଷ୍ଠ ସାମ୍ବାଦିକ ବ୍ରହ୍ମଗିରି ବ୍ଲକ ଯୋଗଦେଇଥିଲେ । ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅନୁଷ୍ଠାନର ସଭାପତି ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟା ମନ୍ଦିରର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭା ମାନଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଏବଂ ସମିତିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରାମକୃଷ୍ଣ ସମ୍ମାନିତ ହେଲେ କୃଷି ଓଡ଼ିଶା ୨୦୨୫

**ପାତ୍ରପୁର,(ନି.ପ୍ର) :** ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରେ ଅନୁଷ୍ଠିତ କୃଷି ଓଡ଼ିଶା ୨୦୨୫ କାର୍ଯ୍ୟକ୍ରମରେ ପାତ୍ରପୁର ବ୍ଲକ ତଣ୍ଡିପୁର ପଞ୍ଚାୟତର ସମିତି ସଭ୍ୟ ତଥା ରାଜପୁର ଗ୍ରାମର ରାମକୃଷ୍ଣ ନାୟକ ସମ୍ମାନିତ ହୋଇଛନ୍ତି । ଜଣେ ସଫଳ ଅଣ୍ଡା ଦିଆ କୁକୁଡ଼ା ପାଳନ କରି ରାମକୃଷ୍ଣ ଏହି ସଫଳତା ପାଇଛନ୍ତି । ଉକ୍ତ ଜୀବିକା ଦ୍ୱାରା ନିଜେ ଓ ପ୍ରାୟ ୧୦ ରୁ ଉର୍ଦ୍ଧ ପରିବାରକୁ ରୋଜଗାରର ପନ୍ଥା ଯୋଗାଇଥିବା ବେଳେ ଭବିଷ୍ୟତରେ କୁକୁଡ଼ା ଖାଦ୍ୟ ପ୍ରସ୍ତୁତି କାରଖାନା କରିବା ଲକ୍ଷ୍ୟ ରଖିଥିବା ଶ୍ରୀ ନାୟକ ପ୍ରକାଶ କରିଛନ୍ତି ।

# ବାଇକ ଦୁର୍ଘଟଣାରେ ୨ ମୃତ ୧ ଗୁରୁତର

**ନୟାଗଡ଼,(ନି.ପ୍ର) :** ୧୬ ନମ୍ବର ଜାତୀୟ ରାଜପଥ କନ୍ଧ ନୟାଗଡ଼ ବାଇପାସ ଉପରେ ବାଇକ ଦୁର୍ଘଟଣା..ଦ୍ରୁତ ଗତିରେ ଆସୁଥିବା ବାଇକ ଡିଭାଇଡ଼ର କୁ ଧକ୍କା ଦେବାରୁ ହୋଇଥିଲା ଦୁର୍ଘଟଣା..ଦୁର୍ଘଟଣା ରେ ଦୁଇ ମୃତ ଜଣେ ଗୁରୁତର..ମୃତକ ହେଲେ ପବିତ୍ର ଦଳେଇ ଓରଫ ରାଜା ଦଳେଇ ୨୫ ବର୍ଷ ଓ ସ୍ୱାଧୀନ ଜେନା ଓରଫ ..ରାଜା ଜେନା ୨୭ ବର୍ଷ ଘର ଟାଙ୍ଗୀ ଥାନା କୁହୁଡି ଗ୍ରାମରେ ବୋଲି ଜଣା ପଡିଛି....ସେହିଭଳି ଅନ୍ୟ ଜଣେ ଗୁରୁତର ହୋଇଛନ୍ତି.. ଗୁରୁତର ଙ୍କର ନାମ ହେଲା ପପୁ ଜେନା ୨୭ ବର୍ଷ ଘର ଚାନ୍ଦପୁର ଥାନା କନ୍ଧ ନୟାଗଡ଼ ଗ୍ରାମରେ ବୋଲି ଜଣା ପଡିଛି... କୁହୁଡି ର ଦୁଇ ଯୁବକ ଙ୍କ ସହ କନ୍ଧ ନୟାଗଡ଼ ର ଯୁବକ ଜଣକ ଗୋଟିଏ ବାଇକ ରେ ଆସୁଥିବା ବେଳେ ଦୁର୍ଘଟଣା ହୋଇଥିଲା.. ଫଳରେ ଘଟଣା ସ୍ଥଳରେ ଦୁଇ ଜଣ ଯୁବକଙ୍କର ମୃତ୍ୟୁ ହୋଇଥିଲା.. ଖବର ପାଇ ଚାନ୍ଦପୁର ପୋଲିସ ଘଟଣା ସ୍ଥଳରେ ପହଁଚି ସମସ୍ତଙ୍କୁ ଉଦ୍ଧାର କରି ବାଇକ ଜବତ କରି ଘଟଣା ର ତଦନ୍ତ କରୁଛି । ପପୁ ଜେନାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି ।

# ଶିଶୁସୁରକ୍ଷା ସମ୍ବନ୍ଧୀୟ ଏକଦିବସିୟ କର୍ମଶାଳା

**ମୟୁରଭଞ୍ଜ,(ନି.ପ୍ର) :** ଶିଶୁ ସୁରକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ପ୍ରତ୍ୟେକ ଶିଶୁକୁ ଏକ ସୁସ୍ଥ ଓ ସୁରକ୍ଷିତ ବାତାବରଣର ଆବଶ୍ୟକତା ରହିଛି । ଏଥି ନିମନ୍ତେ ଜିଲ୍ଲାପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଅଛି । ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଅଛି । ଏହି ପରିପ୍ରେକ୍ଷିରେ ଗତ ଶନିବାର ଦିନ ବାରିପଦା ଅଧିନସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ଏକ ଉପଖଣ୍ଡ ସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମନ୍ତ ସଏ ଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କର ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମସ୍ତ ଉପଖଣ୍ଡରେ ଚାଲୁଅଛି । ବାରିପଦା ଉପଖଣ୍ଡ ସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥୀ ଭାବରେ ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଉପସ୍ଥିତ ଥିବାବେଳେ ଜନଜାତି ଶିକ୍ଷା ସଂଯୋଜକ ସମଗ୍ର ଶିକ୍ଷା ଅଭିଯାନ, ମୟୁରଭଞ୍ଜର ଶ୍ରୀଯୁକ୍ତ ସପନ କୁମାର ପୃଷ୍ଟି ସଭାପତିତ୍ୱ କରିଥିଲେ । ଜିଲ୍ଲା ଶିଶୁସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଅଣ ଆନୁଷ୍ଠାନିକ ସେବା ଶ୍ରୀଯୁକ୍ତ ଅମର କୁମାର ଦେ ଉପସ୍ଥିତ ରହି ଶିଶୁ ସୁରକ୍ଷାର ବିଭିନ୍ନଦିଗ ସମ୍ପର୍କରେ ଆଲେଚନା କରିଥିଲେ । ଆକ୍ସନ ଏଡ଼ର ଜିଲ୍ଲା ସଂଯୋଜକ ଶ୍ରୀ ପ୍ରକାଶ କୁମାର ବାରିକ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ତଥା ଶିଶୁଙ୍କୁ ଉପଯୁକ୍ତ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ । ଶିଶୁ ମଙ୍ଗଳ ସମିତିର ସଦସ୍ୟ ମନମୋହନ ପ୍ରଧାନ ଏବଂ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ବାସନ୍ତୀ ଟୁଡୁ ଅନ୍ୟତମ ଅଥିତି ଭାବରେ ଉପସ୍ଥିତ ରହି ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଉକ୍ତ କର୍ମଶାଳାରେ ଶିଶୁ ମାନଙ୍କର ସମସ୍ୟା ଏବଂ ସେମାନଙ୍କର ସଠିକ୍ ଥଇଥାନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଖଣ୍ଡ ସ୍ତରୀୟ ସମସ୍ତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ ।

# ଆରକ୍ଷୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ଯୁବକ ଅଦାଲତ ଚାଲାଣ



**ଭାପୁର,(ନି.ପ୍ର) :** ନୂଆବର୍ଷ ରେ ଭୋଜି କରିବା ପାଇଁ ଛେଳି ଚୋରି କରି ନେଇ ଯାଉଥିବାବେଳେ ଯୁବକ ଜଣଙ୍କ ଧରାପଡ଼ିବା ସହ ପୋଲିସ କୁ ଦୁର୍ବ୍ୟବହାର କରିଥିବା ନେଇ ଅଦାଲତ ଚାଲାଣ ହୋଇଥିବା ଘଟଣା ଫତେଗଡ ଥାନା ଅଂଚଳରେ ଚର୍ଚ୍ଚା ଚାଲିଛି। ପୋଲିସ ସୂତ୍ରରୁ ପ୍ରକାଶ, ଶାଳପଡ଼ା ପଞ୍ଚାୟତ କେନ୍ଦୁପଲ୍ଲି ଗ୍ରାମର ଫକିର ପଣ୍ଡାଙ୍କ ପୁଅ ଦାଶରଥି ପଣ୍ଡା ଏକ ଟ୍ରକରେ ମାଣିବନ୍ଧ ଗ୍ରାମ ଛକ ରୁ ଛେଳି ଚୋରି କରି ନେଇ ଯାଉଥିବାବେଳେ ଗ୍ରାମବାସୀ ଙ୍କ ଦ୍ୱାରା ଧରାପଡିଥିଲେ । ଗ୍ରାମବାସୀ ପୋଲିସ କୁ ଖବର ଦେଲା ପରେ ଭାପୁର ବିଟ୍ ହାଉସ୍ କନେଷ୍ଟବଳ ଜିତେନ୍ଦ୍ର ସାହୁ ଓ ସହ ଉପ ନୀରିକ୍ଷକ ଭାବଗ୍ରାହୀ ମଲ୍ଲିକ ଘଟଣାସ୍ଥଳରେ ପହଂଚି ଦାଶରଥି ପଣ୍ଡା କୁ ଧରିବା ପାଇଁ ଯାଉଥିବାବେଳେ, ସେମାନଙ୍କୁ ଦାଶରଥି ଦୁର୍ବ୍ୟବହାର କରିଥିଲେ । ଫଳରେ, ପୁଲିସ ଟ୍ରକ (ଓଡି ୨୯ ଡି ୦୪୫୫)କୁ ଜବତ କରି ଦାଶରଥି କୁ କେସ ନମ୍ବର ୩/ ୨୫ ରେ ଗିରଫ କରି ଅଦାଲତ ଚାଲାଣ କରିଥିଲେ । ମାତ୍ର , ସେଠାରେ ଦାଶରଥି ର ଜାମିନ ଆବେଦନ ନାମଞ୍ଜୁର ହେବାରୁ ଜେଲ୍ ହାଜତ କୁ ପଠେଇ ଦେଇଥିବା ବିଟ୍ ହାଉସ୍ ଅଧିକାରୀ ସଞ୍ଜୟ କୁମାର ପରିଡ଼ା ଙ୍କ ଠାରୁ ପ୍ରକାଶ।

# ସିନିୟର ସିଟିଜେନ ଫୋରମ ତରଫରୁ କମ୍ବଳ ବଣ୍ଟନ

**ବାରିପଦା,(ନି.ପ୍ର) :** ମୟୁରଭଞ୍ଜ ସିନିୟର ସିଟିଜେନ ଫୋରମ ତରଫରୁ ଚତୁର୍ଥ ପର୍ଯ୍ୟାୟରେ ରଘୁନାଥପୁର ସ୍ଥିତ କୁଷ୍ଠ କଲୋନୀରେ ସମସ୍ତ ବୃଦ୍ଧ ବୃଦ୍ଧା ମାନଙ୍କୁ କମଳ ବଣ୍ଟନ କରାଯାଇଛି । ସାଧାରଣ ସମ୍ପାଦକ ଡ଼. ଶ୍ୟାମ ସୁନ୍ଦର ଦାସଙ୍କ ସହିତ ସଦସ୍ୟ ମେଜର ରବୀନ୍ଦ୍ର ନାଥ ପରିଡା, ଡ଼. ସୁଶାନ୍ତ କୁମାର ପାତ୍ର, ରାଜଲକ୍ଷ୍ମୀ ପତି, ପ୍ରତିଭା ଷଡ଼ଙ୍ଗୀ, ସବିତା ମିଶ୍ର, ଅନନ୍ତ କୃଷ୍ଣ ବେହେରା, ମନୋରଞ୍ଜନ ସି, ଦେବାଶିଷ ଦାସ, ମୋତିଲାଲ ଗୁପ୍ତା, ଜଗନ୍ନାଥ ମିଶ୍ର,ବରେନ୍ଦ୍ର ମହାନ୍ତି, ହେମନ୍ତ କୁମାର ଦାଶ ପ୍ରମୁଖ କମ୍ବଳ ବଣ୍ଟନ କରି ଥିଲେ । ଏହା ପୂର୍ବରୁ ଧାନସଳ ଗ୍ରାମବାସୀ ଓ ମୁନସିବନ୍ଧ ନିକଟ ବାଳିକା ଆଶ୍ରମରେ ମଧ୍ୟ ମୟୁରଭଞ୍ଜ ସିନିୟର ସିଟିଜେନ ଫୋରମ ତରଫରୁ କମ୍ବଳ ବଣ୍ଟନ କରାଯାଇଥିଲା ।



# ଜିଲ୍ଲା ସାମ୍ବାଦିକ ସଂଘର ବନ୍ଧୁମିଳନ ଓ ନୂତନ କାର୍ଯ୍ୟକର୍ତ୍ତା ଚୟନ ସଭା

**ରାୟଗଡା,(ନି.ପ୍ର) :** ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ହାଲୁଆ ପଞ୍ଚାୟତର ହାଲୁଆ ତୋଟାରେ ଜିଲ୍ଲା ସାମ୍ବାଦିକ ସଙ୍ଘର ବନ୍ଧୁମିଳନ - ୨୦୨୫ କାର୍ଯ୍ୟକ୍ରମ ସହ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ତରୀୟ ୧୧ଟି ବ୍ଲକର ଶତାଧିକ ସାମ୍ବାଦିକ ମାନେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ସଂଘର ସଭାପତି ଡକ୍ଟର ବାଦଲ କୁମାର ତା, ଉପଦେଷ୍ଟା ବିଜୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରବିନ୍ଦ୍ର ପାଟଖଣ୍ଡଳ ଓ କୋଷାଦକ୍ଷ ବିଜୟ କୁମାର ଦାଶ ମଞ୍ଚାସିନ ରହିଥିଲେ। ବୈଠକ ପ୍ରାରମ୍ଭରେ ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର ପାଟଖଣ୍ଡାଳ ଉପସ୍ଥିତ ସଦସ୍ୟ ମାନଙ୍କୁ ସ୍ୱାଗତ କରିବା ସହ ସଂଘର ବିଗତ ବର୍ଷର ବିବରଣୀ ପଠନ ସହ ସଙ୍ଘ ଦ୍ୱାରା କରାଯାଇଥିବା ସେବା କାର୍ଯ୍ୟ ବିଷୟରେ ବିସ୍ତାର ଭାବେ ଆଲୋକପାତ କରିଥିଲେ ।ସେଇପରି କୋଷାଦକ୍ଷ ବିଜୟ ଦାସ ବିଗତ ବର୍ଷର ବ୍ୟୟର ତାଲିକା ପ୍ରକାଶ କରିଥିଲେ । ସଭାପତି



ଡକ୍ଟର ତା ଜିଲ୍ଲାରେ ସାମ୍ବାଦିକ ମାନଙ୍କୁ କିପରି ସରକାରୀ ଓ ପ୍ରଶାସନିକ ସହଯୋଗ ମିଳିବା ଆବଶ୍ୟକତା ରହିଛି, ସେଇପରି ଜିଲ୍ଲାର ଉନ୍ନତି ସହ ଶୋଷିତ, ପୀଡିତ, ବଞ୍ଚିତ ଓ ଅବହେଳିତ ମାନଙ୍କ ପାଇଁ ସାମ୍ବାଦିକ ମାନଙ୍କ ମୁଖ୍ୟତଃ ସଂଘର କଣ ଭୂମିକା ରହିଛି ଡକ୍ଟର ତା ନିଜ ବକ୍ତବ୍ୟରେ ରଖିଲେ । ସଂଘରେ ନୂତନ ଭାବେ ଯୋଗ ଦେଇଥିବା ସଦସ୍ୟ ମାନଙ୍କୁ ସ୍ୱାଗତ ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ ।ଶେଷରେ ସଂଘର ଦାୟିତ୍ୱ ତୁଲାଇବା ପାଇଁ ଜିଲ୍ଲା ସ୍ତରୀୟ କମିଟିର ନାମ ଘୋଷଣା କରାଯାଇଥିବା ବେଳେ ସର୍ବ ସମ୍ମତିକ୍ରମେ ସଙ୍ଘର ସଭାପତି ଭାବେ ଡକ୍ଟର ବାଦଲ ତା, କାର୍ଯ୍ୟକାରୀ ସଭାପତି ଶ୍ୟାମ କୁମାର ଦାଶଙ୍କୁ ଚୟନ ହୋଇଥିବା ବେଳେ ଉପସଭାପତି ଭାବେ ତିରୁମୁଳା ପ୍ରସାଦ ପଟ୍ଟନାୟକ, ବ୍ରଜ ସୁନ୍ଦର ପାଢ଼ୀ ଓ ରଞ୍ଜନ ସ୍ୱାଇଁ ,ସାଧାରଣ ସମ୍ପାଦକ ଭାବେ ବିଦ୍ୟା ଭୂଷଣ ପଣ୍ଡା, କୋଷାଧକ୍ଷ ଭାବେ ମନୋଜ ଜେନା ସମ୍ପାଦକ ସନ୍ତୋଷ ଗୁରୁ, ଗୋପୀନାଥ ଗୌଡ଼,ଗୋଲକ ବିହାରୀ ସାମାନ୍ତରାୟ ଓ ପ୍ରସାଦ ଲିମାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା, ସେହିପରି ସାଙ୍ଗଠନିକ ସମ୍ପାଦକ ଭାବେ ଅକ୍ଷୟ ପୀଢ଼ିଷିକା ଥିବାବେଳେ ସହସମ୍ପାଦକ ସନ୍ତୋଷ ବୋଚା, ମହେଶ ପାଟଖଣ୍ଡଳଙ୍କୁ ଦାଇତ୍ୱ ପ୍ରଦାନ କରାଗଲା। ଏହିପରି ସଙ୍ଘର ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ କୀର୍ତି ସାହୁ, ବିଜୟ ମିଶ୍ର,ପ୍ରୋମଦ ସାହୁ, ଅନିଲ ସାହୁକାର,ରାଜେନ୍ଦ୍ର ମିଶ୍ର, ଅଜୟ ରଥ,ବିଜୟ ଉଲ୍ଲକା, ରବୀନ୍ଦ୍ର ପାଟଖଣ୍ଡାଳ,ଉମାକାନ୍ତ ନିମାଳପୁରୀ ଓ ବିଜୟ ଦାସ ମୋନାନୀତ ହେଲେ।ନୂତନ କମିଟିକୁ ସଂଘର ସଦସ୍ୟ ମାନଙ୍କ ତରଫରୁ ଅଭିନନ୍ଦନ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ। ଆଗକୁ ଯୁବ ସାମ୍ବାଦିକ ମାନଙ୍କ ସହ ସଂଘ ସକ୍ରିୟ ହୋଇ ସୃଦୃଢ କାମ କରିବ ବୋଲି ସ ଭାପତି ଡକ୍ଟର ତା ମତ ପ୍ରକାଶ କରିଥିଲେ।

# ଆରମ୍ଭ ହେଲା ରଣପୁର ମହୋତ୍ସବ 'ଅର୍ଜୁନ- ୨୦୨୫'

## ସଜେଇ ହୋଇଛି ବାଘ ସାମନ୍ତ ପଡିଆ !



**ରଣପୁର,(ନି.ପ୍ର) :** ନୟାଗଡ ଜିଲ୍ଲା ରଣପୁରର ଐତିହ୍ୟ, କଳା, ସଂକୃତି ପରମ୍ପରାକୁ ନେଇ ଅନୁଷ୍ଠିତ ହେଉଥିବା ରଣପୁର ମହୋତ୍ସବ 'ଅର୍ଜୁନ'-୨୦୨୫ ଆଜି ଜାନୁଆରି ପାଞ୍ଚ ତାରିଖ ରେ ଆରମ୍ଭ ହେବାକୁ ଥିବା ବେଳେ ଏହା ପାଞ୍ଚ ଦିନ ଧରି ଏହି ମହୋତ୍ସବ ଚାଲୁ ରହିବ । ଏବେ ଏହି ମହୋତ୍ସ୍ୱ ପାଇଁ ଏବେଠୁ ସଜେଇ ହୋଇଛି ରଣପୁର ବାଘ ସାମନ୍ତ ପଡିଆ । ଏଠାରେ ମିନା ବଜାର, ରାମଦୋଳି, ସାଙ୍ଗକୁ ବିଭିନ୍ନ ପ୍ରକାର ଦୋକାନ ସହ ସରକାର ଙ୍କ ତରଫରୁ ପଡ଼ିଥିବା ଷ୍ଟଲ ତାଙ୍କର ଆଣି ସାଜ ଶଯ୍ୟା କରୁଥିବା ବେଳେ । ଆଜି ଉଦଘାଟନୀ ଦିନରେ ମୁଖ୍ୟ ଅତିଥି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା,ସମ୍ମନ୍ୱିତ ଅତିଥି ମନ୍ତ୍ରୀ ଖାଦ୍ୟ ଓ ଯୋଗାଣ ଓ ବିଜ୍ଞାନ ପ୍ରଯୁକ୍ତି ବିଭାଗ ଓଡିଶା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର , ମାନ୍ୟବର ସାଂସଦ ପୁରୀ ଡ ସମ୍ବିତ ପାତ୍ର, ବିଧାୟକ ଖଣ୍ଡପଡା ଦୁଷ୍ମନ୍ତ ସ୍ୱାଇଁ, ମାନ୍ୟବର ଜିଲ୍ଲାପାଳ ନୟାଗଡ଼ ଶ୍ରୀ ସୁନୀଲ ଅକ୍ଷୟ ଅଗ୍ରୱାଲ, କାର୍ଯ୍ୟ ନିର୍ବାହୀ ଅଧିକାରୀ ରଣପୁର (ଏନ.ଏ.ସି ) ଶ୍ରୀ ରଞ୍ଜନ କୁମାର ଦାସ ଯୋଗଦେଇ ଉଦଘାଟନୀ ଦିବସ କୁ ଆଗେଇ ନେବା ସହ, ମନୋରଞ୍ଜନ ପାଇଁ ଭାରତ ସରକାର ଙ୍କ ତରଫରୁ ଦିଆଯାଇଥିବା । ପୁରୁଲିଆ ଛଉନୃତ୍ୟ ସହିତ ମେଲୋଡି (ସୁର ତାଲ କ୍ରିଏଟିଭି ), ସ୍ୱରଭ ଭାରଦ୍ୱଜ, ଏ ସ.ଆର୍ଯ୍ୟ ତା ସହିତ ବିଶେଷ ଆକର୍ଷଣ ସିନେ କଳାକାର ମଧ୍ୟ ରହିଅଛିନ୍ତି । ଏହି ଐତିହ୍ୟ, କଳା,ସଂକୃତି, ପରମ୍ପରାକୁ ଆଦିକୁ ନେଇ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିବ । ଅନ୍ୟ ଜିଲ୍ଲା ଗୁଡିକ ମହୋତ୍ସ୍ୱଠୁ ଏ ବର୍ଷ ରଣପୁର ମହୋତ୍ସବ 'ଅର୍ଜୁନ-୨୦୨୫ ତାର ନିଆଁରା ଢଙ୍ଗରେ ପାଳନ ହେବ ବୋଲି ଆୟୋଜକ କମିଟିର ସୂଚନା । ମହୋତ୍ସବ କମିଟିର ସମ୍ପାଦକ ସ୍ୱରାଜ ମହାନ୍ତି, ସହ ମହୋତ୍ସ୍ୱ କମିଟିର ସମସ୍ତ ମେମ୍ବର ମାନେ ଜୋରଦାର ସହଯୋଗ କରୁଛନ୍ତି ।

# ବାଗବାହାଲ ଗାଁ ରେ ବାଘ ଆତଙ୍କ ୧୦ ମେଣ୍ଢା ମାରି ଖାଇଲା ଓ ୮ ଗୋଟି ମେଣ୍ଢାକୁ ଘାଇଲା କଲା

**ନୂଆପଡା,(ନି.ପ୍ର) :** ଜିଲ୍ଲା ବୋଡ଼େନ ବ୍ଲକ ବାଗବାହାଲ ଗାଁ ରେ ବାଘ ଆତଙ୍କ ଦେଖାଦେଇଛି । ମିଳିଥିବା ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତ୍ର ରେ ଗାଁ ର



ଭୁଜ ହାତୀ ନାମକ ଜୈନେକ ଚାଷୀ ଙ୍କ ଗୁହାଳ ରୁ ୧୦ ଗୋଟି ମେଣ୍ଢା କୁ ଟେକି ନେଇ କଲରା ପତରିଆ ବାଘ ମାରି ଖାଇ ଦେଇଥିବା ବେଳେ ଆଉ ୮ ଗୋଟି ଛେଳି ଏବଂ ମେଣ୍ଢା ଙ୍କୁ ଆକ୍ରମଣ କରି ଖଣ୍ଡିଆ ଖାବରା କରି ଦେଇଥିବା ଅଭିଯୋଗ ହୋଇଛି । ଏନେଇ କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ପାଇଁ ବନବିଭାଗ ର ଦ୍ୱାରସ୍ତ ହୋଇ ଥିବା ବେଳେ ଅପର ପକ୍ଷରେ ବାଘ ଆତଙ୍କ କୁ ନେଇ ବାଗବାହାଲ ଗାଁ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ଖବର ପାଇଁ ବନ ବିଭାଗ ର ଏକ ଟିମ ଗାଁ ରେ ପହଁଚି ଘଟଣା ର ତଦନ୍ତ ଆରମ୍ଭ କରି ଦେଇଥିବା ବେଳେ କିପରି ନିଜେ ସୁରକ୍ଷିତ କରି ନିଜର ଗୃହପାଳିତ ପଶୁ କୁ ସୁରକ୍ଷିତ ରଖିବେ ସେ ନେଇ ସଚେତନ କରୁଥିବା ଜଣାପଡିଛି ।

# ଲୋକ ନୃତ୍ୟ ଗୀତର ମହାପର୍ବଣ ପଏଁରୀ ତିହାର ଉଦ୍‌ଯାପିତ

**ସୋନପୁର,(ନି.ପ୍ର) :** ସୋନପୁର ଭୀମ ଭୋଇ କଳା ମଣ୍ଡପ ଖୋଲା ପଡ଼ିଆ ଠାରେ ତିନିଦିନ ଧରି ଚାଲିଥିବା ଲୋକ କଳା ଲୋକ ନୃତ୍ୟ ର ମହା ପାର୍ବଣ ପଏଁରୀ ତିହାର-୨୦୨୫ ର ରୌପ୍ୟଜୟନ୍ତୀ ସମାରୋହ ଶୁକ୍ରବାର ସନ୍ଧ୍ୟାରେ ଉଦ୍ ?ଯାପିତ ହୋଇ ଯାଇଛି। କେସିଙ୍ଗା, କଳାହାଣ୍ଡି , କୋରାପୁଟ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳର ଲୋକନୃତ୍ୟ ଓ ଲୋକସଙ୍ଗୀତ ପରିବେଷଣ ଦର୍ଶକ ଙ୍କୁ ବିମୁଗ୍ଧ କରିଥିଲା କ୍ଷ ଉଦ୍ ?ଯାପନୀ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡ଼ାଙ୍ଗ ମୁଖ୍ୟ ଅତିଥି, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱନାଥ ବାରିକ, ବୀରମହାରାଜପୁର ସିନିଅର ବିଇଓ ଶାନ୍ତନୁ



କୁମ୍ଭକାର, ପ୍ରଫେସର ନୀଳାମ୍ବର ଶତପଥୀ, ନାଟ୍ୟଶ୍ରୀ ଗଦାଧର ବାରିକ, ପଏଁରୀର ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲାରେ ଭରିରହିଛି ବହୁ ପୁରାତନ ଐତିହ୍ୟ ଓ କଳା ସଂସ୍କୃତି ପରମ୍ପରା କ୍ଷ ଏହି ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଏହି ଅବସରରେ ସୁଜାତା ଗିରିଙ୍କୁ ବୃନ୍ଦାବନ ନାଏକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସମାଜସେବୀ ଶ୍ରୀବତ୍ସ ମଲ୍ଲିକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ଲୋକକଳାକୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ପଏଁରୀର ସମ୍ପାଦକ ଚୌଧୁରୀ ବିଭାର ସଭା ସଂଯୋଜନା କରିଥିଲେ ଓ ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ଦେଇଥିଲେ। ସୁଶାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଲୋକସଙ୍ଗୀତ କାର୍ଯ୍ୟକ୍ରମରେ ବୀରେନ୍ଦ୍ର ଜଗଦଲା, କଣ୍ଟ ମହାନନ୍ଦ, ସୁପ୍ରିୟା ଶର୍ମା, ସୁଜାତା ଗିରି, ସୁଚିତ୍ରା ଦାଶ ପ୍ରମୁଖ ଲୋକସଙ୍ଗୀତ ପରିବେଷଣ କରିଥିଲେ। ଲୋକନୃତ୍ୟ କାର୍ଯ୍ୟକ୍ରମରେ ପଏଁରୀର ରସରକେଲି, ଝାଡ଼ଖଣ୍ଡର ଝୁମର, ବରଗଡ଼ ଚୁମୁକୁରୁମା ଜଳା ପରିଷଦର ଲୋକନୃତ୍ୟ, ମୟୂରଭଞ୍ଜର ଛଉ, କେସିଙ୍ଗା ବଜାଶାଲ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଲୋକନୃତ୍ୟ ପରିବେଷଣ ହୋଇଥିଲା ଏଥିରେ ସନ୍ତୋଷ ମିଶ୍ର, ସନ୍ତୋଷ ପାଢ଼ୀ, ସୋମ୍ୟରଞ୍ଜନ ସେଠୀ, ପୃଥୀରାଜ ବାଘ, ପ୍ରଫୁଲ୍ଲ ନାଏକ, ଗୋପାଳ ମେହେର, ରାମ ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ପିତାମହୁଲ ଗ୍ରାମପଞ୍ଚାୟତରେ ନିଜ ଅଞ୍ଚଳକୁ ବସ ଚଳାଚଳ ଦାବିରେ

# ଲକ୍ଷ୍ମୀବସକୁ ଅଟକ ରଖିଲେ ମହିଳାଗୋଷ୍ଠୀ

**ସୁବର୍ଣ୍ଣପୁର,(ନି.ପ୍ର) :** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ପିତାମହୁଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଠାକୁରପୁର, ଗରିଆମୁଣ୍ଡା, କୁଞ୍ଜାମହୁଲ ଗ୍ରାମକୁ ବସ ଚଳାଚଳ ଦାବିରେ ଲକ୍ଷ୍ମୀ ବସକୁ ଅଟକ ରଖିଛନ୍ତି ମହିଳା ଗୋଷ୍ଠୀର ମା ମାନେ । ସୂଚନା ଅନୁସାରେ କୁଞ୍ଜାମହୁଲ ଗ୍ରାମରେ ଲକ୍ଷ୍ମୀ ବସ ଷ୍ଟାଣ୍ଡ ତିଆରି ହୋଇ ସାରି ଉଦ୍ଘାଟନ ଉତ୍ସବ ମଧ୍ୟ ସରିଯାଇଛି । କୁଞ୍ଜାମହୁଲ ଗ୍ରାମକୁ ଗୋଟିଏ ସପ୍ତାହ ପାଇଁ ବସ ଚଳାଚଳ ହୋଇଥିଲା। ଯାହାଫଳରେ ଅଞ୍ଚଳର ମା ଭଉଣୀ ମାନଙ୍କ ମଧ୍ୟରେ ବେଶ ଖୁସିର ଲହରି ଦେଖିବାକୁ ମିଳିଥିଲା। ହେଲେ ବଡ଼ ଦୁଃଖର ବିଷୟ ଗୋଟିଏ ସପ୍ତାହ ଚଳାଚଳ ପରେ ପୁଣି ବସ ଚଳାଚଳ ବନ୍ଦ କରିଦିଆଯାଇଥିଲା । ମହିଳା ଗୋଷ୍ଠୀ ମା ଭଉଣୀମାନେ ତିନି



ଚାରିଥର ବସକୁ ଅଟକ ରଖି ନିଜ ଅଞ୍ଚଳକୁ ବସ ଚଲେଇବା ପାଇଁ ଦାବି ଜଣେଇବା ପରେ ମଧ୍ୟ କୌଣସି ସୁଫଳ ମିଳିପାରିଲା ନାହିଁ । ଯାହାଫଳରେ ଅଚାନକ ଭାବରେ ଆଜି ଶତାଧିକ ମହିଳା ମା ଭଉଣୀମାନେ ଲକ୍ଷ୍ମୀ ବସକୁ ଅଟକ ରଖିଛନ୍ତି । ନିଜ ଅଞ୍ଚଳକୁ ବସ ଚଳାଚଳ ନ କରିବା ପର୍ଯ୍ୟନ୍ତ ବସକୁ ଅଟକ ରଖାଯିବ ବୋଲି ମହିଳା ମା ମାନେ ଜିଦରେ ଅଟଳ ଅଛନ୍ତି । ଘଟଣା ବିଷୟରେ ଖବର ପାଇ ସୁବଳୟା ଥାନା ଅଧିକାରୀ ଶ୍ରୀଯୁକ୍ତ ସୁଶାନ୍ତ ପଧାନ ସଦଳ ବଳେ ପହଞ୍ଚି ସମସ୍ୟାର ସମାଧାନ କରିବା ପାଇଁ ବସ କର୍ମଚାରୀ, ଲକ୍ଷ୍ମୀ ବସ ପରିଦର୍ଶିକା ବୀରମହାରାଜପୁର ଓ ମହିଳା ମାନଙ୍କ ମଧ୍ୟରେ ଆଲୋଚନା କରିବାପରେ ବସକୁ ଛଡଗଲା । ଜାନୁଆରୀ ମାସ ଶେଷ ସୁଦ୍ଧା ବସ ଚଳାଚଳ କରାଯିବ ବୋଲି ବସ ପରିଦର୍ଶିକା ପ୍ରତିଶ୍ରୁତି ଦେଇଛନ୍ତି ।

# ବଡ଼ଚଣାରୁ କେନ୍ଦ୍ରାପଡ଼ାକୁ ଲୁଟ୍ ହେଉଛି ବେଆଇନ ବାଲି

## ବିଧାୟକ ଦୃଷ୍ଟି ଦେବାକୁ ଦାବି



**ବାଲିଚନ୍ଦ୍ରପୁର,(ନି.ପ୍ର) :** ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ପ୍ରତ୍ୟେକ ରାତିରେ ୩ ଶହ ଟ୍ରିପରୁ ଉର୍ଦ୍ଧ୍ୱ ବାଲି ହାଇୱା ଟ୍ରକ ଯୋଗେ ଲୁଟ ହେଉଛି। ୩ ଗୋଟି ମେଶିନ ଲଗାଇ ରାତିରେ ଲୁଟୁଛନ୍ତି ଲୁଟେରା। କୋଟି କୋଟି ଟଙ୍କା ଲୁଟିବାରେ ସମର୍ଥ ହେଉଛନ୍ତି ମାଫିଆ। ବଡ଼ଚଣାରୁ ବାଲି ଲୁଟ କରି କେନ୍ଦ୍ରାପଡ଼ାରେ ବିକୁଛନ୍ତି। ସନ୍ଧ୍ୟା ୬ଟାରୁ ଏହି ଲୁଟ ଆରମ୍ଭ ହୋଇ ସକାଳ ୬ଟାରେ ଶେଷ ହେଉଛି। ରାତି ଅନିଦ୍ରା ହୋଇ ଲୁଟେରା ମାନେ ସ୍କର୍ପିଓ, ଥାର, ଆଇଟେନ ଭଳି ୪/୫ଟି ନାମିଦାମି ଗାଡ଼ିରେ ସମ୍ପୃକ୍ତ ଘାଟନିକଟରେ ମାରଣାସ୍ତ୍ର ଧରି ଜଗିରହି ଲୁଟ କରୁଛନ୍ତି। ଭୟଭିତ ହୋଇ ସ୍ଥାନୀୟ ଅଧିବାସୀ ଚୁପ ରହୁଛନ୍ତି। ଗତ କାଲି ଶନିବାର ସନ୍ଧ୍ୟା ସମୟରେ ଜୈନିକ ସରପଞ୍ଚ ତାଙ୍କ ସମର୍ଥଙ୍କୁ ଧରି ବାଲି ପରିବହନ ହେଉଥିବା ରାସ୍ତାକୁ ଖୋଳି ଦେଇଥିଲେ ଏବଂ ସେଠାରେ ଏକ ବିରାଟ ଗଛର ମୂଳକୁ ରାସ୍ତା ମଝିରେ ପକାଇ ଅବରୋଧ କରି ବାଲି ପରିବହନ ବନ୍ଦ କରିଥିଲେ। ମାତ୍ର ବାଲି ମାଫିଆ ଓ ସରପଞ୍ଚଙ୍କ ମଧ୍ୟରେ ବୁଝାବଣା ହେବା ପରେ ରାତିରେ ପରିବହନ ଜାରି ରହିଥିଲା। ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଦର୍ପଣ ତହସିଲ ଅଧିନ ରଇପୁର ପଞ୍ଚାୟତ ରାମଦାସପୁର-୨ ନିଲାମି ବାଲିଘାଟରେ। ୩ ବର୍ଷ ତଳେ ତହସିଲ ଅଧିନରେ ସମ୍ପୃକ୍ତ ଘାଟକୁ ନିଲାମ ଦିଆଯାଇଥିଲା। ମାତ୍ର ଲିଜ୍‌ଧାରି ୨ ବର୍ଷ ସ୍ୱଳ୍ପମାତ୍ରାରେ ବାଲି ଉତ୍ତୋଳନ କରି ଛାଡ଼ି ପଳାଇଥିଲେ। ସରକାରଙ୍କର ଧାର୍ଯ୍ୟ ନିଲାମ ମୂଲ୍ୟ ପଇଠ ନକରି ପ୍ରଶାସନ ସାଙ୍ଗରେ ଲୁଚକାଳି ଖେଳିଥିଲେ। ଇତି ମଧ୍ୟରେ ରାଜସ୍ୱ ବିଭାଗରୁ ବାଲିଘାଟ ଖଣି ବିଭାଗକୁ ସରକାରୀ ସ୍ତରରେ ହସ୍ତାନ୍ତର ହୋଇଛି। ଚଳିତ ବର୍ଷ ସମ୍ପୃକ୍ତ ନିଲାମ ଧାରି ସେପ୍ଟେମ୍ବର ମାସରେ ଉକ୍ତ ଘାଟରୁ ଭୁଟୁଭୁଟି ମେଶିନ(ଶଣ୍ଢ ମେଶିନ) ସାହାର୍ଯ୍ୟରେ ବିନା କାଗଜପତ୍ରରେ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ଦେଖାଦେଇଥିଲା। ପରେ ମାଫିଆ ମାନେ ଦିନକ ମଧ୍ୟରେ ଭୁଟୁଭୁଟି ମେଶିନ ନେଇ ଘଟଣାସ୍ଥଳରୁ ଉଭାନ ହୋଇଯାଇଥିଲେ। ପୁର୍ନବାର ଚଳିତ ବର୍ଷ ଡ଼ିସେମ୍ବର ମାସ ଆରମ୍ଭରୁ ବିନା କାଗଜପତ୍ରରେ ପ୍ରତ୍ୟେକ ରାତିରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଭୟଭିତ କରାଇ ଶହ ଶହ ଟ୍ରିପ ବାଲି ଲୁଟି ନେଉଛନ୍ତି। ରାମଦାସପୁର-୨ ଘାଟରୁ ବାଲି ଲୋଡ଼ କରି ବରୀ ବ୍ଲକ କମ୍ପଗଡ଼ ଓ ପାଟକୁରା ବ୍ଲକ ବେଣିପୁର ଗ୍ରାମ ଦେଇ କେନ୍ଦ୍ରାପଡ଼ା ଅଞ୍ଚଳକୁ ରାତିରେ ଚାଲାଣ ହେଉଛି ବାଲି। ଉକ୍ତ ଅଞ୍ଚଳଟି ବାଲିଚନ୍ଦ୍ରପୁର ଥାନା ଅଧିନରେ ଯାଉଥିଲେ ମଧ୍ୟ ମାଫିଆ ମାନେ ପୋଲିସକୁ ଚକମା ଦେଇ ନିଲାମ ଘାଟ କହି ଟୁକନ ସାହାର୍ଯ୍ୟରେ ଲୁଟୁଛନ୍ତି ବାଲି। ଲୁଟେରା ମାନେ ଚାହିଁଲେ ବି ଖଣ୍ଡିଏ ହେଲେ ଟି.ପି ଦେଖାଇପାରୁନାହାଁନ୍ତି। ଯେଉଁ ବାଟ ଦେଇ ବାଲି ପରିବହନ କରାଯାଉଛି ସେ ସବୁ ଅଞ୍ଚଳ କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ଅଧିନରେ ରହୁଛି। ଲୁଟେରା ମାନେ ମଧ୍ୟ କେନ୍ଦ୍ରାପଡ଼ା ଅଞ୍ଚଳର ତେଣୁ କେନ୍ଦ୍ରାପଡ଼ା ପୋଲିସକୁ ହାତବାରିଶି କରି ସହଜରେ ଲୁଟି ନେଉଛନ୍ତି ଲୁଟେରା। ଶନିବାର ବରୀ ବ୍ଲକ କମ୍ପଗଡ଼ ଗ୍ରାମର ସରପଞ୍ଚ ଚିତ୍ତରଞ୍ଜନ ପୃଷ୍ଟି ନିଜର ବ୍ୟକ୍ତିଗତ ଜମି ଦାବୀ କରି ଉକ୍ତ ରାସ୍ତାରେ ଗାଡ଼ କରି ଗଛ ଗଣ୍ଡି ପକାଇ ଅବରୋଧ କରିଥିଲେ। ମାତ୍ର ମାଫିଆ ମାନେ ଅବରୋଧ ସ୍ଥଳରେ ପହଞ୍ଚି ସରପଞ୍ଚ ଏବଂ ତାଙ୍କ ସମର୍ଥଙ୍କୁ ବଶିଭୁତ କରି ବାଲି ପରିବହନ କରିବାରେ ସକ୍ଷମ ହୋଇଥିଲେ। ଏ ନେଇ ଯାଜପୁର ଜିଲ୍ଲା ଖଣି ଉପନିର୍ଦ୍ଦେଶକ ଜୟ ପ୍ରକାଶ ନାୟକଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ତେଣୁ ଏଥିପ୍ରତି ବଡ଼ଚଣା ବିଧାୟକ ଅମର ନାୟକ, ଜିଲ୍ଲାପାଳ ଯାଜପୁର ପି.ଅନ୍ୱେଷା ରେଡ୍ଡୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି।

# ଖଲ୍ଲିକୋଟ ଶ୍ରୀ ମର୍ଦ୍ଦରାଜ ହାଇସ୍କୁଲ ଆନୁକୁଲ୍ୟରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ



**ଖଲିକୋଟ,(ନି.ପ୍ର) :** ଆପେ ବଞ୍ଚିଲେ ବାପ ର ନାଁ ବୋଲି କଥା ପ୍ରସଙ୍ଗରେ କହିଥାନ୍ତି। ହେଲେ ଏବକୁ ଯୋ ହାରରେ ଦିନକୁ ଦିନ ଯାନବାହାନ ଚଳାଚଳ କରୁଛି। ନିଜକୁ ତ ବଞ୍ଚାଇବାକୁ କଷ୍ଟ ବ୍ୟାପାର ହୋଇପଡିବ, ଅନ୍ୟ ପକ୍ଷରେ ବେପରୁଆ ଗାଡି ଚଲେଇବା ଯୋଗୁଁ ଅନ୍ୟ ର ଜୀବନ ନେବାକୁ ପଶ୍ଚାତପଦ ହୋଇ ନଥାଏ । ସରକାର ତଥା ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ଗାଡି ଚାଳନାର ତ୍ରୁଟି ପରିଲକ୍ଷିତ ହୋଇଥାଏ। ଏଥିସରରେ ଆଜି ଖଲ୍ଲିକୋଟ ସ୍ଥାନୀୟ ଶ୍ରୀ ମର୍ଦ୍ଦରାଜ ହାଇସ୍କୁଲର ଛାତ୍ର ମାନେ ହାତରେ ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା କାର୍ଯ୍ୟ କ୍ରମ ଉପରେ, ଜନସଚେତନତା ପାଇଁ ରାଲି କରି ଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀମାନ ଙ୍କ ତତ୍ତ୍ୱାବଧାନ ତାରେ ଛାତ୍ର ମାନେ ନଗର ପରିକ୍ରମା କରିଥିଲେ। ସେମାନଙ୍କୁ ସଡ଼କ ସୁରକ୍ଷା ଉପରେ ବୁଝାଇଥିବା ଜଣାପଡ଼ିଛି। ସଡ଼କ ସୁରକ୍ଷା ଜୀବନ ରକ୍ଷା। ଦୃତଗତି-ମହ୍ୱିପତ୍ତି । ହେଲମେଟ ପିନ୍ଧନ୍ତୁ-ମୂଲ୍ୟାନ-ଜୀବନ ପ୍ରତି ସଚେତନ ହୁଅନ୍ତୁ । ଦୁଇ ଚକିଆ ଗାଡ଼ି ରେ ଦୁଇଜଣ ରୁ ଅଧିକ ବସନ୍ତୁ ନାହିଁ । ଚାରି ଚକିଆ ଚଳାଇବା ବେଳେ ସିଟ୍ ବେଲଟ୍ ବ୍ୟବହାର କରନ୍ତୁ । ଏଥି ସହ ଅନ୍ୟାନ୍ୟ ବିଷୟ ପ୍ରତି ସଚେତନ ଅଭିଯାନ ଚଳାଇଥିବା ପରିଲକ୍ଷିତ ହୋଇଥିଲା

# ପାଟଣା ପ୍ରେସକ୍ଲବର ବାର୍ଷିକ ଉତ୍ସବ

**ପାଟଣା,(ନି.ପ୍ର) :** ପାଟଣା ପ୍ରେସ କ୍ଲବର ତୃତୀୟ ବାର୍ଷିକ ଉତ୍ସବ ପାଟଣା ସ୍ଥିତ ପୁଣ୍ୟତ୍ୱୟା ବୈତରଣୀ ତୀର୍ଥ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି ।କ୍ଲବରେ ସଭାପତି କିଶୋର ଚନ୍ଦ୍ର ମହାନ୍ତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସମ୍ପାଦକ ବିଜୟ ରନ୍ ପତି ବାର୍ଷିକ ବିବରଣୀ



ପାଠ କରିଥିଲେ ।କ୍ଲବର ବିଭିନ୍ନ ସମସ୍ୟା ସହିତ ଆୟବ୍ୟୟର ବିବରଣୀ ଉପସ୍ଥାପିତ କରାଯାଇଥିଲା ।ଏହା ବ୍ୟତୀତ କ୍ଲବକୁ ଅଧିକ ସୁଦୃଢ କରି ପାଟଣା ଆଞ୍ଚର ବିଭିନ୍ନ ସମସ୍ୟା କିପରି ଲୋକଲୋଚନକୁ ଆସିପାରିବ ଓ ସାଧାରଣ ଜନତା କିପରି ଉପକୃତ ହୋଇ ପାରିବେ ସେ ବିଷୟରେ ସଂଘର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ ଆଲୋଚନା କରିଥିଲେ ।ଆସନ୍ତା ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ କିପରି ଧୁମଧାମରେ ପାଳନ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା ।ଶେଷରେ ଉପସଭାପତି ରଞ୍ଜନ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମ ରେ ପ୍ରେସ କ୍ଲବ ର ଉପସଭାପତି ଅଞ୍ଜନ ରଣା, ସହ ସମ୍ପାଦକ କାମିନୀ କାନ୍ତ ଦ୍ୱିବେଦୀ, କୋଷାଧକ୍ଷ ଚିରଞ୍ଜିବୀ ଦାଶ, କାର୍ଯ୍ୟାଳୟ ସମ୍ପାଦକ ବିଜୟ କୁମାର କାରୁଆ, ସୁଜିତ କୁମାର ଦାଶ, ପାର୍ଥସାରଥୀ ପାତ୍ର, ନିଶିକାନ୍ତ ବେହେରା, ରବିନ୍ଦ୍ର ପୃଷ୍ଟି, ଉଗ୍ରସେନ ପୃଷ୍ଟି, ରଞ୍ଜିତ୍ ବେହେରା, ପ୍ରଭାତ କୁମାର ସାହୁ, ବିରଞ୍ଚି ମହାନ୍ତ, ଜିତେନ୍ଦ୍ର କୁମାର ସେଠୀ ଓ ରତି ରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବଡ଼ବାଗ ଗ୍ରାମରେ ଭୟଙ୍କର ବାଣ ବିସ୍ଫୋରଣ



## ୨ ମୃତ ଓ ୨ ଗୁରୁତର

**ଜଗତସିଂହପୁର,(ନି.ପ୍ର) :** ଜଗତସିଂହପୁର ଜିଲ୍ଲା ସଦର ମହକୁମା ବଡ଼ବାଗ ଗ୍ରାମରେ ଘଟିଛି ଭୟଙ୍କର ବାଣ ବିସ୍ଫୋରଣ । ବିସ୍ଫୋରଣରେ ସ୍ୱାମୀ ସ୍ତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଓ ୨ ଜଣ ଗୁରୁତରଙ୍କୁ ଜଗତସିଂହପୁର ମୁଖ୍ୟଚିକିତ୍ସାଳୟ ଓ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାଯୋଗ୍ୟ ଶୁକ୍ରବାର ରାତି ୧୦ ଟା ସମୟରେ ବଡ଼ବାଗ ଗ୍ରାମରେ ଏକ ପ୍ରଚଣ୍ଡ ଶବ୍ଦରେ ସାହି ପଡ଼ିଶାଙ୍କ ଘର ଥରି ଉଠିଥିଲା । ଶବ୍ଦ ଶୁଣି ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଦେଖିଥିଲେ ଘର ଛାତ ଉଡିଯାଇଛି ଓ ଲୁଗାପଟା ଛିଡିକି ଯାଇ ଗଛରେ ଲାଗିଛି ଓ ଘରର ଅନତି ଦୂରରେ ଖଣ୍ଡ ବିଖଣ୍ଡିତ ମୃତ୍ ଶରୀର ପଡି ରହିଛି । ଖବର ନେବାରୁ ଜଣାପଡିଲା ଉକ୍ତ ଘର ହେଉଛି ବଡ଼ବାଗ ଗ୍ରାମର ସୁଶୀଲ ଦାସଙ୍କର । ତାଙ୍କ ବଡ଼ପୁଅ ରାଜେଶ ଦାସ ଓ ତାଙ୍କ ପତ୍ନୀ ସସ୍ମିତା ଦାସ ଘର ଭିତରେ ବାଣ ତିଆରି କରୁଥିଲେ । ଅନ୍ୟ ଏକ ବଖରା ଘରେ ତାଙ୍କ ସାନପୁଅ ପରେଶ ଦାସ ଓ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଦାସ ଶୋଇଥିଲେ । ବିସ୍ଫୋରଣ ଏତେ ପ୍ରଚଣ୍ଡ ଥିଲା ଯେ ଘଟଣା ସ୍ଥଳରେ ବଡ଼ପୁଅ ରାଜେଶ ଦାସ ଓ ତାଙ୍କ ପତ୍ନୀ ସସ୍ମିତା ଦାସ ଦୁଇଜଣଙ୍କର ମୃତ୍ୟୁ ଘଟିଛି । ସାନ ପୁଅବୋହୁ ପରେଶ ଦାସ ଓ ଲକ୍ଷ୍ମୀପ୍ରିୟା ଦାସଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣାସ୍ଥଳରେ ଅଗ୍ନିଶମ ଓ ପୋଲିସ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ନିଜେ ଜିଲ୍ଲା ଏସପି ଭବାନୀ ଶଙ୍କର ଉଦଗାତା ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ଘଟଣାସ୍ଥଳରେ ବିଧାୟକ ଅମରେନ୍ଦ୍ର ଦାସ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର ପ୍ରମୁଖ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିବା ସହ ବିଧାୟକ ଉକ୍ତ ପରିବାରକୁ ସାନ୍ତ୍ୱନା ଦେଇଥଲେ। ତେବେ କେବେଠାରୁ ସେଠାରେ ବେଆଇନଭାବେ ବାଣ ଭିଡାଯାଉଥିଲା ଓ କେତେ ପରିମାଣରେ ବାରୁଦ ସେଠାରେ ଥିଲା ଏହା ତଦନ୍ତସାପେକ୍ଷ । ଘଟଣା ସ୍ଥଳରେ ଏସପି ନିଜେ ଉପସ୍ଥିତ ରହି ତଦନ୍ତ ଆରମ୍ଭ କରିଛନ୍ତି ।

# ୩୪ତମ ବାର୍ଷିକୋତ୍ସବ ଧୁମଧାମରେ ପାଳିତ



**ନିମାପଡ଼ା,(ନି.ପ୍ର) :** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ୩୪ତମ ବାର୍ଷିକୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି ।ଏହି ପରିପ୍ରେକ୍ଷିରେ ମୁଖ୍ୟ ଅତିଥି ଭାବେ ଡିନ୍.ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ର ଡ଼ ଜ୍ୟୋତି ରଞ୍ଜନ ଦାସ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଜଗସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ ପ୍ରଦୀପ ପ୍ରଜୋଳନ କରି ଉତ୍ସବକୁ ଉଦଘାଟନ କରିବା ସହିତ ନିଜର ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ କହିଥିଲେ ଭଲ ପାଠ ପଢିବା ସହ ଛାତ୍ରଛାତ୍ରୀ ମାନେ ଭବିଷ୍ୟତରେ ସଫଳତା ପାଇବାକୁ ହେଲେ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣକୁ ତ୍ୱରାନ୍ୱିତ କରିବା ଦରକାର। ଉପସ୍ଥିତ ଥିବା ସମସ୍ତ ଅଭିଭାବକ ମାନେ ନିଜ ପିଲା ମାନଙ୍କ ପ୍ରତି ଯତ୍ନଶୀଳ ହେବା ସହିତ ପିଲା ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଅଣଦେଖା ନକରିବା ପରିବର୍ତ୍ତେ ଆଗକୁ ନେବାରେ ସହାୟକ ହୁଅନ୍ତୁ ବୋଲି କହିଥିଲେ ।ଚଳିତ ବର୍ଷ ବିଭିନ୍ନ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପୁରଷ୍କାର ବିତରଣ କରଯାଇଥିଲା ।ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅଲ୍ ଇଣ୍ଡିଆ ମେଡିକାଲ ସାଇନ୍ସ ଭୁବନେଶ୍ୱରର ଡକ୍ଟର ପ୍ରଭାସ ରଂଜନ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପୁରୀ ଜିଲ୍ଲା ପ୍ରମୁଖ ଶିକ୍ଷା ବିକାଶ ସମିତିର ମୁଖ୍ୟ ସୁଦର୍ଶନ ମିଶ୍ର, ସଭାପତି ନିର୍ମଳ ମିଶ୍ର, ଉପସଭାପତି ସହଦ୍ୱେ ବାରିକ, ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ,ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ପ୍ରଧାନଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁ ମା, ଛାତ୍ରଛାତ୍ରୀ ଅଭିଭାବକ ମାନେ ଉପସ୍ଥିତ ଥିଲେ ।ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଉପଜିଲ୍ଲାପାଳଙ୍କ ଦ୍ୱାରା ଆରମ୍ଭ ହେଲା ସଡ଼କ ସୁରକ୍ଷା ସଚେତନତା

**ବାରିପଦା,(ନି.ପ୍ର) :** ଜାନୁଆରୀ ୧ ରୁ ୩୧ ପର୍ଯ୍ୟନ୍ତ ପାଳିତ ହେବାକୁ ଯାଉଥିବା ବାମନଘାଟୀ ଉପଖଣ୍ଡ ସ୍ତରୀୟ ସଡ଼କ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମ ଶୁଭ ଉଦଘାଟିତ ହୋଇଯାଇଛି । ଅତିରିକ୍ତ ଆଂଚଳିକ ପରିବହନ ବିଭାଗ ଜରିଆରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନ ୧୦.୩୦ ଟା ସମୟରେ ଶୁଭାରମ୍ଭ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରାଇରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀ ସୌମ୍ୟ ରଂଜନ ପ୍ରଧାନ, ଅତିରିକ୍ତ ପରିବହନ ଅଧିକାରୀ ଇଂ ସନ୍ଦୀପ ପାଇକରାୟ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତି ପ୍ରମୁଖ ସଡ଼କ ସୁରକ୍ଷା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।ଏଥିରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଜୟ ରାମ ଏବଂ ଛାତ୍ରୀ ବୃନ୍ଦ,ବାମନଘାଟୀ ଟ୍ରକ ମାଲିକ ସଂଘ, ରାଇରଙ୍ଗପୁର ପୋଲିସ, ରାଇରଙ୍ଗପୁର ଗଣମାଧ୍ୟମ ପ୍ରତିନିଧି, ପରିବହନ କର୍ମଚାରୀ, ବସ ମାଲିକ ସଂଘ, ଅଟୋ ମାଲିକ ସଂଘ,ମୋଟର କର୍ମଚାରୀ ସଂଘ ପ୍ରମୁଖ ଅଂଶ ଗ୍ରହଣ ଅରିଥିଲେ । ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସମସ୍ତେ ହାତରେ ପ୍ଲାକାର୍ଡ ଧରି ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ସଡ଼କ ସୁରକ୍ଷା ସଚେତନତା ସ୍ଲୋଗାନ ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲା । ରାସ୍ତାରେ ପରିବହନ ବିଭାଗ ତରଫରୁ ରାସ୍ତାରେ କାଯାଉଥିବା ପଥିକ,ବାଇକ ଆରୋହୀ ଲଘୁଯାନ,ଭାରି ଯାନ ଯାଉଥିବା ଚାଳକ , ଯାତ୍ରୀମାନଙ୍କୁ ସଚେତନତା ବାର୍ତ୍ତା ର ଲିଫଲେଟ ପ୍ରଦାନ କରାଯାଇଥିଲା । ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ,ଜୀବନ ରକ୍ଷା,ହେଲମେଟ ପିନ୍ଧି ବାଇକ ଚଳାଇବା, ବାଇକ ଚଳାଇଲା ବେଳେ ମୋବାଇଲ କାନରେ ଲଗାଇ କଥା ନ ହେବା,କାର୍ ରେ ବସିବା ବେଳେ ସିଟ୍ ବେଲ୍ଟ ଲଗାଇବା,ମଦ ପିଇ ଗାଡ଼ି ନ ଚଲାଇବା, ସଡ଼କ ଦୁର୍ଘଟଣାରୁ ଧନ ଜୀବନର ସୁରକ୍ଷା ପାଇଁ ସଡକ ସୁରକ୍ଷା ଜୀବନ ରକ୍ଷା ଆଧାରିତ ସମସ୍ତ ନିୟମ କାନୁନ ସମ୍ବନ୍ଧରେ ପ୍ରଥମେ ଜାଣିବା,,ତାକୁ ଶତ ପ୍ରତିଶତ ଅନୁପାଳନ କରିବା,ବିନା ଲାଇସେନ୍ସରେ ଗାଡ଼ି ନ ଚଳାଇବା,କମ ବୟସର ପିଲାଙ୍କୁ ଗାଡ଼ି ନ ଚଳାଇବା ପାଇଁ ସଚେତନ କରାଇବା,ଗାଡ଼ି ଚାଳକ ମାନଙ୍କ ଚକ୍ଷୁ ପରୀକ୍ଷା କରିବା,ଗାଡ଼ି ର ଆବଶ୍ୟକୀୟ ଦସ୍ତାବିଜ, ସରକାରଙ୍କ ପରିବହନ ନୀତି ନିୟମ ମାନିବା, ସମ୍ମୁଖ ଗାଡ଼ିକୁ ଅତିକ୍ରମ ନ କରିବା,ଦୃତ ବେଗରେ ଗାଡି ନ ଚଲାଇବା, ଟ୍ରାଫିକ ନିୟମ ମାନିବା ଉପରେ ବାର୍ତ୍ତା ଦିଆ ଯାଇଥିଲା । କାର୍ଯ୍ୟକ୍ରମକୁ ଅତିରିକ୍ତ ପରିବହନ ବିଭାଗର ଜୁନିଅର ଏମ ଭିଆଇ ଆଶୁତୋଷ ନାଏକ, ସହକାରୀ ଟ୍ରାଫିକ ସବ ଇନ୍ସପେକ୍ଟର ବିଜୟ ବାଲ୍ମି, ଜୁନିଅର କ୍ଲର୍କ ସାମିଲ ବେହେରା, ଦେବେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।

# ଉଦଜିବିତ ହେଲା ବ୍ରାହ୍ମଣୀଗାଁ ବ୍ଲକ ଗଠନ ଦାବି



**ଦାରିଙ୍ଗବାଡି,(ନି.ପ୍ର) :** ରାଜ୍ୟ ସରକାର ନୂତନ ବ୍ଲକ ଓ ପଞ୍ଚାୟତ ବିଭାଜନ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଖବର ପ୍ରକାଶ ପାଇବା ପରେ ବିଭିନ୍ନ ଅଞ୍ଚଳ ର ଲୋକଙ୍କ ମନରେ ଖୁସିର ଲହରୀ ଦେଖିବାକୁ ମିଳିଛି, ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ଅଞ୍ଚଳ ସରଗରମ ହୋଇ ଉଠିଛି, କନ୍ଧମାଳ ଜିଲ୍ଲା ର ସର୍ବବୃହତ ବ୍ଲକ ଦାରିଙ୍ଗବାଡି ୨୫ ପଞ୍ଚାୟତ କୁ ନେଇ ଗଠିତ ହୋଇଥିବା ବେଳେ ଏହାର ୧୧ନଂ ଜିଲ୍ଲା ପରିଷଦ ଜୋନ ରେ ବ୍ରାହ୍ମଣୀଗାଁ ସମେତ ଅଞ୍ଚଳ ର ଆଠଗୋଟି ପଞ୍ଚାୟତ ଯଥା କାଟିଙ୍ଗିଆ, କୁମ୍ଭାରିଗାଁ, ଝିଞ୍ଜିରି ଗୁଡା, ଗଦାପୁର ହାତୀ ମୁଣ୍ଡା, ତାଯୁଙ୍ଗିଆ ଓ ସରାମୂଳୀ ପଞ୍ଚାୟତ କୁ ନେଇ ଏକ ନୂତନ ବ୍ଲକ ଗଠନ ପାଇଁ ବିଗତ ୪ଦଶନ୍ଧି ଧରି ଦାବୀ ହୋଇ ଆସୁଅଛି, ଅନେକ ଥର ବ୍ରାହ୍ମଣୀଗାଁ ବ୍ଲକ ଗଠନ ଦାବିକୁ ନେଇ ରାଲି ଶୋଭାଯାତ୍ରା ଓ ଆନ୍ଦୋଳନ ମଧ୍ୟ ହୋଇଛି, କିନ୍ତୁ ତତ୍ କାଳୀନ ସରକାର ବ୍ଲକ ଗଠନ ବିଷୟ ରେ କୌଣସି ଚିନ୍ତା କରି ନ ଥିଲେ, ବର୍ତ୍ତମାନ ର ଡବଲ ଇଞ୍ଜିନ ସରକାର ବ୍ଲକ ଓ ପଞ୍ଚାୟତ ବିଭାଜନ ପାଇଁ ଚିନ୍ତା ପ୍ରକଟ କରିଛନ୍ତି, ଏହା ଯଦିଓ କାର୍ଯ୍ୟକାରୀ ହୁଏ ଏବଂ ଅଞ୍ଚଳ ବାସୀଙ୍କର ଦୀର୍ଘ ଦିନର ଦାବୀ ବ୍ରାହ୍ମଣୀଗାଁ ରେ ବ୍ଲକ ସ୍ଥାପନ ହୁଏ ତେବେ ଅଞ୍ଚଳ ବାସୀ ଙ୍କ ସମସ୍ୟା ଦୂର ହେବା ସାଥେ ସାଥେ ଦୃତ ଗତିରେ ବିକାଶ ହୋଇ ପାରିବ ବୋଲି ଆଶା ପ୍ରକଟ କରିଛନ୍ତି ଅଞ୍ଚଳ ବାସୀ। ଶନିବାର ଦିନ ବ୍ଲକ ଗଠନ ଅଭିଯାନ କମିଟି ର କାର୍ଯ୍ୟକାରୀ ସଭାପତି ବିକ୍ରମ ବସ୍ତିରାୟଙ୍କ ଅଧକ୍ଷତା ରେ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା, ଏଥିରେ ଆଠ ଗୋଟି ପଞ୍ଚାୟତ ର ସରପଞ୍ଚ ସମିତି ସଭ୍ୟ ସଭ୍ୟା ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହି ଏହି ବ୍ଲକ ଗଠନ ଅଭିଯାନ କୁ କିପରି ଆଗକୁ ନେଇ ପାରିବେ, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଙ୍କ ସହ ଯୋଗାଯୋଗ କରି ବ୍ରାହ୍ମଣୀଗାଁ ବ୍ଲକ ଦାବୀ କୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ ସେ ନେଇ ଆଲୋଚନା ଥିଲେ।

# ନିଷ୍ଠା-ସମତା ଓ ଅନ୍ତର୍ନିବେଶୀ ତାଲିମ ଶିବିର ଆରମ୍ଭ



**ମୟୁରଭଞ୍ଜ,(ନି.ପ୍ର) :** ଜିଲ୍ଲାରେ ବିଭିନ୍ନ ସାଧାରଣ ବିଦ୍ୟାଳୟରେ ୭୮୬୫ ଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଶିକ୍ଷାର ଗୁଣାତ୍ମକ ବୃଦ୍ଧି ନିମନ୍ତେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ତାଲିମ ପ୍ରଦାନ କରିବା ପାଇଁ, ଜିଲ୍ଲାସ୍ତରରେ ଗୋଷ୍ଠି ସମ୍ବଳ ଶିକ୍ଷକ ପ୍ରସ୍ତୁତ କରାଯାଇଛି. ଏହି ତାଲିମ ଶିବିର ପାଞ୍ଚ ଦିନ ଧରି ତିନୋଟି ପର୍ଯ୍ୟାୟରେ ୪ ତାରିଖ ଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଲାଲବଜାର ବିଦ୍ୟାଳୟ ଠାରେ ଚାଲୁ ଅଛି। ପ୍ରଥମ ପର୍ଯ୍ୟାୟରେ ତିରିଂ, ବିଜାତଳା, କରଞ୍ଜିଆ,ବିଶୋଇ, ବଡ଼ସାହି, ଶାମାଖୁଣ୍ଟା, ରାସଗୋବିନ୍ଦପୁର, ବାଙ୍ଗିରିପୋଷି ଓ ଯଶିପୁର ବ୍ଲକରୁ ୪୫ ଜଣ ଶିକ୍ଷକ ଓ଼ ଶିକ୍ଷୟତ୍ରୀ ତାଲିମ ଗ୍ରହଣ କରୁଛନ୍ତି। ଜିଲ୍ଲାରୁ ୨୬ ଗୋଟି ବ୍ଲକରୁ ୧୩୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ତାଲିମ ଗ୍ରହଣ କରିବେ। ଉକ୍ତ ତାଲିମ ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଜିଲ୍ଲା ଅନ୍ତର୍ନିବେଶୀ ସଂଯୋଜକ ଶ୍ରୀଯୁକ୍ତ ନିରଞ୍ଜନ ନାୟକ ଶିବିର ପରିଚାଳନା କରିଥିଲେ। ପ୍ରଶିକ୍ଷାତ୍ରୀ ଭାବେ ବାରିପଦାର ଗୋଷ୍ଠି ସମ୍ବଳ ଶିକ୍ଷୟତ୍ରୀ ଶ୍ରୀମତି ରେଖାରାଣୀ ଦାସ, ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୋମ୍ୟ ଦାଶ, କପ୍ତିପଦା ବ୍ଲକ ଅନ୍ତର୍ଗତ ବଡଝାଡ଼ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀ ସନ୍ତୋଷ କୁମାର ସାହୁ ଓ ସୋଲଗଡିଆ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ବେହେରା ଓ ଉଦଳା ବ୍ଲକର ଅନ୍ତର୍ଗତ ମେଣ୍ଢାଖାଇ ସରକାରୀ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଅଜୟ କୁମାର ପଣ୍ଡା ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ଶ୍ରୀ ବୀରେନ୍ଦ୍ର କୁମାର ସାହୁ ଓ ଦିଲୀପ କୁମାର ଦାଶ ପ୍ରମୁଖ ତାଲିମ ପରିଚାଳନାରେ ସହଯୋଗ ପ୍ରଦାନ କରୁଛନ୍ତି।

# ବରିଷ୍ଠ ନାଗରିକଙ୍କୁ ଭକ୍ତି ଓ ସମ୍ମାନ ଜଣାଇଲେ ବ୍ରାହ୍ମଣୀଗାଁ ବଡ଼ ସାହିବାସୀ



**ଦାରିଙ୍ଗବାଡି,(ନି.ପ୍ର) :** ସାରା ବିଶ୍ୱରେ ଇଂରାଜୀ ନବ ବର୍ଷ ୨୦୨୫ କୁ ଧୁମ୍ ଧାମରେ ସ୍ୱାଗତ କରାଯାଇଅଛି। ଏହି ଅବସରରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ବଡ଼ସାହି ବାସୀ ସ୍ୱତନ୍ତ୍ର ଭାବେ ନୂତନ ବର୍ଷ ପାଳନ କରିଛନ୍ତି। ସାହି ବାସିନ୍ଦା ଙ୍କ ମଧ୍ୟରେ ଏକତା, ଶାନ୍ତି ଓ ସ୍ୱାହାର୍ଦ୍ୟ ପୂର୍ଣ୍ଣ ବାତାବରଣ ସୃଷ୍ଟି କରି ମିଳିମିଶି ଖାଇବା ନିମନ୍ତେ ଭୋଜି ର ଆୟୋଜନ କରାଯାଇ ଥିଲା ତଦ ସହିତ ଯୁବକ ଯୁବତୀ ଓ ମାଆ ମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା, ଗୀତ ନାଚ ସାଧାରଣ ଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗିତା ମାନ କରାଯାଇ ଥିଲା, ଏଥିପାଇଁ ଦିନେଶ ନାୟକ ସନ୍ଦିପ ନାୟକ, ଶୁଭେନ୍ଦୁ ବଳିଆର ସିଂଓ ସୁଭାଜିତ ବଳିଆର ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ। ଗୁରୁବାର ଦିନ ସନ୍ଧ୍ୟା ସମୟରେ ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା, ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ର ଅଧକ୍ଷ ଫାଦର୍ ମନୋରଞ୍ଜନ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ନୂତନ ଭାବେ ଓଡ଼ିଶା ପ୍ରାସାସନିକ ସେବା ରେ କୃତିତ୍ୱ ହାସଲ କରିଥିବା ରୁନିତା ପ୍ରଧାନ ଯୋଗ ଦେଇଥିଲେ,ସମ୍ମାନିତ ଅତିଥି ଭାବେ ସହକାରୀ ଜାଜକ ଉନିଲ୍ କୁମାର ନାୟକ,ସାହି ର ସଭାପତି ରମାକାନ୍ତ ବଳିଆର ସିଂ ଗ୍ରାମ୍ୟ କମିଟି ସଭାପତି ବିକ୍ରମ ବସ୍ତିରାୟ , ସମ୍ପାଦକ ରାଧାକାନ୍ତ ବଳିଆର ସିଂ ଙ୍, ନାରୀ ନେତ୍ରୀ ମେରିସା ନାୟକ ଙ୍କ ସମେତ ପରିଚାଳନା କମିଟି ର ଅନ୍ୟ ସଦସ୍ୟ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଜରୀଆରେ ସାହିରେ ଥିବା ବରିଷ୍ଠ ନାଗରିକ ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଅଙ୍ଗ ବସ୍ତ୍ର ପ୍ରଦାନ କରି ସେମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରାଯାଇ ଥିଲା ଏବଂ ଯେଉଁ ମାନେ ଇହ ଧାମ ତ୍ୟାଗ କରି ଆମ ସମସ୍ତ ଙ୍କ ଠାରୁ ଚୀର ବିଦାୟ ନେଇଛନ୍ତି ସେମାନଙ୍କ ଆତ୍ମା ର ସଦ ଗତି ପାଇଁ ପ୍ରାର୍ଥନା କରାଯାଇ ଥିଲା। ପ୍ରାସାସନିକ ସେବା କ୍ଷେତ୍ର ରେ ଯୋଗ ଦେବା ପରେ ପ୍ରଥମ ଥର ପାଇଁ ଗାଁ ଝିଅ ରୁନୀତା ପ୍ରଧାନ ନିଜ ଗ୍ରାମ ରେ ନୂତନ ବର୍ଷ ପାଳନର ଖୁସୀ ମନାଇବା ସହ ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବେ ମଞ୍ଚାସିନ କରି ସମସ୍ତଙ୍କ ଖୁସୀ କୁ ଦ୍ୱିଗୁଣିତ କରିଛନ୍ତି। ଅକ୍ଳାନ୍ତ ପରିଶ୍ରମ , କଠିନ ଅଧ୍ୟବସାୟ ଓ ଈଶ୍ୱର ଙ୍କ ପ୍ରତି ଭୟ କରିବା ଦ୍ୱାରା ଜ୍ଞାନର ଆରମ୍ଭ ହୋଇଥାଏ, ଏଣୁ ସମୟର ସତ୍ ବିନିଯୋଗ କଲେ ସଫଳତା ର ଶୀର୍ଷ ରେ ପହଞ୍ଚିବା ସମ୍ଭବ ବୋଲି ସେ ଆଗାମୀ ଯୁବ ପୀଢ଼ିଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାମ ର ଯୁବକ ଯୁବତୀ ସାଂସ୍କୃତିକ କାର୍ଯକ୍ରମ ମଧ୍ୟମ ରେ ସମସ୍ତଙ୍କର ମନୋରଞ୍ଜନ କରିଥିଲେ।

**ବଢୁଛି ମହୁମାଛି ଆକ୍ରମଣ**

# ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟରେ ଅଂସଖ୍ୟ ମହୁଫେଣା

**ଅସ୍ତରଙ୍ଗ,(ନି.ପ୍ର) :** ଏବେ ରାଜ୍ୟରେ କିଛିଦିନ ହେଲା ଲଗାତର ମହୁମାଛି ଆକ୍ରମଣ ଖବରକୁ ନେଇ ଚାଞ୍ଚଲ୍ୟ ଖେଳି ଯାଇଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବି ସେଥିରୁ ବାଦ ପଡୁନି। କାରଣ ନିକଟରେ ହୋଇଥିବା ଅସ୍ତରଙ୍ଗବ୍ଲକ ଅନ୍ତର୍ଗତ ସରିପୁର ଓ ନଗର ଅଞ୍ଚଳ ରେ ମହୁମାଛି ଆକ୍ରମଣ ରେ ୧୦ରୁ ଉର୍ଦ୍ଧ ଆହତ ହେବା ସମସ୍ତଙ୍କୁ ଚିନ୍ତିତ କରିଦେଇଥିଲା। ଏତେ ବଡ଼ ଅଘଟଣ ପରେ ମଧ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ପ୍ରଶାସନ ହାଲୁକା ଭାବେ ନେବାକୁ ନେଇ ବୁଦ୍ଧିଜୀବୀ ତଥା ସାଧାରଣ ଲୋକେ ନାପସନ୍ଦ କରିଛନ୍ତି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ତଥା ବଜାର ବିଭିନ୍ନ ଜାଗାରେ ଥିବା ସ୍କୁଲ, କଲେଜ, ସରକାରୀ, ବେସରକାରୀ କୋଠା ତଥା ଜନବସତି ନିକଟରେ ଥିବା ଗଛରେ ବର୍ଷ ବର୍ଷ ଧରି ମହୁମାଛି ବସା କରି ରହୁଛନ୍ତି। କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ଆସିଲେ ଅବା ବିପଦର ଆଭାସ ପାଇଲେ ସେମାନେ ଲୋକଙ୍କୁ ଦଂଶନ କରୁଛନ୍ତି। ପ୍ରଶାସନିକ ସ୍ତରରେ ସାଧାରଣଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସେ ସବୁ ପ୍ରତି କାହାର ନଜର ରହୁନଥିବାରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ରେ ଥିବା ପରିତ୍ୟକ୍ତ ବହୁତଳ କୋଠା ରେ ଅସଂଖ୍ୟ ମହୁମାଛି ଦୀର୍ଘଦିନ ଧରି ବସା ବାନ୍ଧି ରହିଛନ୍ତି। ଏହି ସ୍ଥାନ ମାନଙ୍କରେ ପ୍ରାୟ ୫୦ରୁ ଉର୍ଦ୍ଧ ବଡ଼ ମହୁଫେଣା ମୁଖ୍ୟରାସ୍ତା ଆଡକୁ ମୁହଁକରି ଝୁଲି ରହିଛି। ସେହିବାଟ ଦେଇ ଶହ ଶହ ଗାଡିମୋଟର ରେ ଲୋକେ ଯା 'ଆସ କରୁଛନ୍ତି। ଏହା ଶହ ବିଭିନ୍ନ ଗ୍ରାମାଞ୍ଚଳ ବ୍ୟତୀତ ବିଦ୍ୟାଳୟ ଓ ଜନବସତି ରହିଛି ଏହି ସ୍ଥାନ ମାନଙ୍କ



ରେ ବଡ଼ବଡ଼ ମହୁମାଛି ବାସ କରିବାକୁ ସେମାନଙ୍କ ବଡ଼ ବଡ଼ ମହୁମାଛି ବାସ କରିବାକୁ ସେମାନଙ୍କ ନିରାପଦ ସ୍ଥାନ ପାଲଟିଛି। ବିପଦ ଆସିବା ପୂର୍ବରୁ ସତର୍କ ପରିବର୍ତ୍ତେ ବିପଦ ଆସିବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରୁନି। କୌଣସି କାରଣ ହେଉ କିମ୍ବା ସେମାନଙ୍କ ଉପରେ କେହି ଆକ୍ରମଣ ଜଦି କରେ ଏହା ଦ୍ୱାରା ଅଞ୍ଚଳରେ ମହୁମାଛି ଆକ୍ରମଣ ହେଲେ ସ୍ଥାନୀୟ ବାଟ ଦେଇ ଯାଉଥିବା ଶହ ଶହ ଯାତ୍ରୀ, ଛାତ୍ର ଛାତ୍ରୀ ଓ ନିକଟରେ ବାସ କରୁଥିବା ଲୋକ କେହି ବି ତ୍ରାହି ପାଇବେନି। ସାଧାରଣ ଲୋକ ଅଥବା ଦେଖଣାହାରୀ ମତ ଅନୁଯାୟୀ ସପ୍ତଫେଣି, ମାଙ୍କେଡିଆ, ବାଘୁଆ, ସାନମାଙ୍କେଡିଆ ଆଦି ବିଭିନ୍ନ ପ୍ରଜାତିର ମହୁମାଛି ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳରେ ଦେଖାଯାଉଛନ୍ତି। ବାଘୁଆ ପ୍ରଜାତି ମହୁମାଛି ଅଧିକ ଆକ୍ରମଣତ୍ମକ। ଯେଉଁମାନେ ଏହି ସବୁ ଜନବସତି ଅଞ୍ଚଳରେ ସୁପ୍ତ ଭାବରେ ରହିଥାନ୍ତି। ଅନେକ ସମୟରେ ଆକ୍ରମଣତ୍ମକ ହୋଇ ଲୋକଙ୍କ କ୍ଷତି କରିଥାନ୍ତି।

କିଛି ମାସ ତଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର ରେ ମହୁମାଛି ଆକ୍ରମଣ ରେ ଆହତ ହୋଇ ଚିକିତ୍ସାଳୟ ରେ ଭର୍ତି ହେବା ଘଟଣା ପରେ ସମସ୍ତଙ୍କୁ ଏଥିରୁ ସତର୍କତା ଅବଲମ୍ବନ କରିବା ପାଇଁ ଏକ ଶିକ୍ଷା ଦେଇଥିଲା। କିଛି ମାସ ତଳେ ସରିପୁର ଅଞ୍ଚଳରେ ଗୋଟିଏ ସ୍ଥାନରେ ଚାରୀ ରୁ ଉର୍ଦ୍ଧ ଲୋକ ଆହତ ହୋଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆସିବା ପରେ ଡକ୍ଟର ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ।

ଗ୍ରାମାଞ୍ଚଳ ଶହ ଅସ୍ତରଙ୍ଗ ବଜାର ଏଭଳି ଅନେକ ଜନବସତି ରେ ଶହ ଶହ ମହୁଫେଣା ରହିଛି। ପ୍ରଶାସନିକ ସ୍ତରରେ ଏହାକୁ ଗୁରୁତର ମନେ କରି ବିପଦ ଆସିବା ପୂର୍ବରୁ ଆଗୁଆ ପଦକ୍ଷେପ ନେବାକୁ ଦାବୀ ହୋଇଛି। ଏ ସମ୍ପର୍କରେ ପ୍ରଶାସନିକ ସ୍ତରରେ କୌଣସି ବିଭାଗରେ ସେମିତି ପଦକ୍ଷେପ ନେବା ଭଳି ଦେଖାଯାଇନାହିଁ।

# ମାଛଚାଷୀ ଓ ବୈଜ୍ଞାନିକ ବାର୍ତ୍ତାଳାପ କାର୍ଯ୍ୟକ୍ରମ

**ଜୟପୁର,(ନି.ପ୍ର) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ବାମୁଣିଆଗୁଡା ଠାରେ ବୈଜ୍ଞାନିକ ପଦ୍ଧତି ରେ ମାଛ ଚାଷରେ ହେଉଥିବା ଲାଭ ସମ୍ପର୍କରେ ଚାଷୀ ଓ ବୈଜ୍ଞାନିକ ମଧରେ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ମଧୁରଜଳ ଜୀବ ପାଳନ ସଂସ୍ଥାନ( ସିଫା) ଓ ଜୀବ ବିଜ୍ଞାନ ସଂସ୍ଥାନ, ଭୁବନେଶ୍ୱର ପକ୍ଷରୁ ଦି ବି ଟୀ କିଷା ନ ହବ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଫା ର ପ୍ରଧାନ ବୈଜ୍ଞାନିକ ଓ ଜୈବ ପ୍ରଯୁକ୍ତି ବିଭାଗ ର ମୁଖ୍ୟ ଡକ୍ଟର ଜିତେନ୍ଦ୍ର କୁମାର ସୁନ୍ଦର ରାୟ ଯୋଗ ଦେଇ ବୈଜ୍ଞାନିକ ପଦ୍ଧତି ରେ ମାଛ ଚାଷ ରେ ହେଉ ଥିବା ଲାଭ ବିଷୟ ରେ ଆଲୋକପାତ କରିଥଲେ। ମାଛ ଚାଷରେ ପୋଖରୀ ପରିଚାଳନା , ରୋଗ ଓ ମାଛ ଖାଦ୍ୟ ର ଭୂମିକା,ଉନ୍ନତ ମାନର ଜାଆଁଳା ବ୍ୟବହାର ଦ୍ୱାରା ଲାଭ ବାବଦ ରେ କହି ଥିଲେ। ଜୟନ୍ତୀ ରହୁ ଓ ସିଫକ୍ଷ ଅମୃତ ଭକ୍ଷକୁର ମାଛ ଚାଷ ଦ୍ୱାରା ମାଛ ଚାଷ ରେ ହେଉଥିବା ଲାଭ ସମ୍ପାର୍କ ରେ ବୁଝାଇ ଥିଲେକ୍ଷ ଉମରକୋଟ ବ୍ଲକର




ମତ୍ସ୍ୟ ଉଦ୍ୟୋଗୀ ସୁଜିତ୍ ଦାସ ଜାଆଁଳା ଚାଷ ରେ ହେଉଥିବା ଲାଭ, ପୋଖରୀରେ ଚୂନ ପ୍ରୟୋଗ, ମାଟି ଓ ପାଣିର ପରୀକ୍ଷା ଆବଶ୍ୟକ ସମ୍ପର୍କ ରେ କହିଥିଲେ। ବୈଜ୍ଞାନିକ ପଦ୍ଧତି ରେ ମାଛ ଚାଷ କଲେ ଏକର ପ୍ରତି ୩ ଲକ୍ଷ ଟଙ୍କା ରୁ ଉର୍ଦ୍ଧ ଲାଭ ହୋଇପାରିବ ବୋଲି କହି ଥିଲେ । ବୋରିଗୁମ୍ମା ବ୍ଲକ ର ଜୀବିକା କୁର୍ଡିନେଟର ଦେବେନ୍ଦ୍ର କୁମାର ପଣ୍ଡା , ବୋରିଗୁମ୍ମା ବ୍ଲକର ୫୦ ରୁ ଅଧିକ ଚାଷୀ ଯୋଗ ଦେଇ ମାଛ ଚାଷ ସମ୍ପର୍କ ରେ ହେଉଥିବା ସମସ୍ୟ ବାବଦରେ ବୈଜ୍ଞାନିକ ଓ ବିଶେଷଜ୍ଞ ଠାରୁ ପଚାରି ବୁଝିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ସଂଚା ରକ ଲକ୍ଷ୍ମୀ ନାରାୟଣ ବକ୍ସି ପରିଚାଳନା କରିଥିବା ବେଳେ ସୂର୍ଯ୍ୟ ନାରାୟଣ ପଣ୍ଡା, ଶିଶିର ଷଡଙ୍ଗୀ ସହ ଯୋଗ କରିଥିଲେ ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ : ଗଡ଼ିଲା ସଚେତନତା ରଥ

**ପାରାଦୀପ,(ନି.ପ୍ର) :** ସଡ଼କ ସୁରକ୍ଷା ମାସ ୨୦୨୫ ପରିପ୍ରେକ୍ଷୀରେ ଏବଂ 'ସଡ଼କ ସୁରକ୍ଷା ପରିବାର ରକ୍ଷା' ଅଭିଯାନ ଅନ୍ତର୍ଗତ ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ପାରାଦୀପର ଆଦର୍ଶ ଥାନା ନିକଟସ୍ଥ ପ୍ରେସ ଛକ ଠାରେ ଶନିବାର ଦିନ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ପୌରାହିତ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବେହେରା ସମସ୍ତେ ସଚେତନ ହୋଇ ଟ୍ରାଫିକ ନିୟମ ପାଳନ କରି ସୁରକ୍ଷିତ ଭାବେ ଗାଡି ଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଆଇଓସିଏଲ ମୁଖ୍ୟ ସୁରକ୍ଷା ଅଧିକାରୀ ଏମ.ବି. ସୋହଲା, ଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ୯ ନମ୍ବର ୱାର୍ଡ ପାରିଷଦ ସୁବ୍ରତ ପ୍ରଧାନ, ୧୫ ନମ୍ବର ୱାର୍ଡ ପାରିଷଦ ସୌଦାମିନୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରକ୍ଷିତ ଗାଡିଚାଳନା ଓ ଟ୍ରାଫିକ ନିୟମ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ ଧାର୍ଯ୍ୟସୀମା ରୁ ଅଧିକ ବେଗରେ ଗାଡି ନଚଳାଇବା, ନିଶାସକ୍ତ ଅବସ୍ଥାରେ ଗାଡି ନଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନକରିବା, ଦୁଇ ଚକିଆ ରେ ହେଲମେଟ ଓ ଚାରି ଚକିଆ ଯାନରେ ସିଟବେଲ୍ଟ ବ୍ୟବହାର କରିବା, ଟ୍ରାଫିକ ନିୟମ ଉଲଂଘନ କରି ବିପରିତ ଦିଗରେ ଗାଡି ନଚଳାଇବା ଏବଂ ସର୍ବଦା ଟ୍ରାଫିକ ନିୟମ ମାନିବା ନେଇ ସାଧାରଣରେ ଏକ ସଡ଼କ ସୁରକ୍ଷା ସପଥପାଠ




କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ଶ୍ରୀ ବେହେରା ଏବଂ ଅନ୍ୟ ଅତିଥି ମାନେ ଦୁଇଟି ସଡ଼କ ସୁରକ୍ଷା ସଚେତନତା ରଥ କୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ରଥ ମାସେ କାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ସଡ଼କ ସୁରକ୍ଷା ସଚେତନତାର ବାର୍ତ୍ତା ପ୍ରଚାର କରିବ। ଏହି କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟ ରେ ଏକ ସଡ଼କ ସୁରକ୍ଷା ସଚେତନ ପଦଯାତ୍ରା ରେ ଅତିଥି ମାନଙ୍କ ସମେତ ପାରାଦୀପ ମହାବିଦ୍ୟାଳୟର ଏନସିସି କ୍ୟାଡେଟ୍ସ ଓ ଛାତ୍ରଛାତ୍ରୀ, ପୌରପାଳିକା କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଂଗଠନ ର ସଦସ୍ୟ ମାନେ ସାମିଲ ହୋଇ ସଚେତନତା ର ବାର୍ତ୍ତା ପ୍ରଚାର କରିଥିଲେ । ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ । ସୂଚନା ଥାଉକି, ପ୍ରତ୍ୟେକ ବର୍ଷ ଓଡ଼ିଶା ରେ ପାଞ୍ଚ ହଜାର ଓ ଦେଶରେ ଦେଢ଼ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି। ଏଣୁ ସାଧାରଣରେ ଏହି ସଚେତନତା କାର୍ଯ୍ୟକ୍ରମ ବେସ ଗୁରୁତ୍ୱ ବହନ କରୁଛି । ସଚେତନତା ପରେ ଜଦି କୌଣସି ବ୍ୟକ୍ତି ଯେକୌଣସି ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରେ ତେବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ସୂଚନା ଦେଇଛନ୍ତି ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସମ୍ମାନିତ ହେଲେ ରୁଦ୍ରାଂଶ




**ପୋଲସରା,(ନି.ପ୍ର) :** ଗଂଜାମ ଜିଲ୍ଲା ପୋଲସରା ବ୍ଲକ୍ ଅନ୍ତର୍ଗତ ହାତିଓଟ ଗ୍ରାମପଞ୍ଚାୟତ ଧୋୟାକଣା ଗ୍ରାମର ରୋହିତ କୁମାର ପ୍ରଧାନ ଏବଂ ସୁଭାଗିନି ପ୍ରଧାନ ଙ୍କ ଏକ ମାତ୍ର ପୁତ୍ର ରୁଦ୍ରାଂଶ ପ୍ରଧାନ, ମାତ୍ର ୨ ବର୍ଷ ୭ ମାସରେ ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍୨୦୨୪ରେ ସମ୍ମାନିତ ହୋଇଛନ୍ତି ।ସେ ୧୯ଟି ଫଳ, ୨୪ଟି ପନିପରିବା,୪୧ଟି ପ୍ରାଣୀ,୧୭ଟି ଯାନବାହାନ,୧୨ଟି ଆକୃତି,୮ଟି ସରୀସୃପ,୧୦ଟି କମ୍ପ୍ୟୁଟର ଅଂଶଗୁଡ଼ିକ,୧୨ଟି ଦେବତା,୧୧ଟି ଐତିହାସିକ ସ୍ଥଳ,୧୦ଟି ପ୍ରତିଦିନିଆ କାର୍ଯ୍ୟକଳାପ,୫ଟି ଇଂରାଜି ନର୍ସରୀ ରାଇମ୍,ସାପ୍ତାହିକ ୭ ଦିନର ନାମ,୧୪ଟି ଭାରତୀୟ ଜାତୀୟ ପ୍ରତୀକ,୨୪ଟି ଶରୀରର ଅଙ୍ଗ ପ୍ରତ୍ୟଙ୍ଗ,୨୮ଟି ଭାରତୀୟ ରାଜ୍ୟ ଓ ତାର ରାଜଧାନୀ,୨୦ଟି ଦେଶ ଓ ତାର ରାଜଧାନୀ,୯ଟି ପ୍ରାଣୀଙ୍କର ଶବ୍ଦ ଏବଂ ୫ଟି ବ୍ୟାୟମ ପ୍ରଦର୍ଶନ କରି ଉକ୍ତ ରେକଡ଼ର୍ ଅଧିକାରୀ ହୋଇ ପାରିଛନ୍ତି ଓ ପୁଣି ୩ ମାସ ପରେ ୨ବର୍ଷ ୧୦ ମାସ ହୋଇଥିବା ବେଳେ ୧୯ଟି ସରକାରୀ ଦଲିଲକୁ ମାତ୍ର ୨ ମିନିଟ୍ ୧୨ ସେକେଣ୍ଡରେ ଚିହ୍ନଟ କରି ଉକ୍ତ ରେକଡ଼ର୍ ଗ୍ରାଣ୍ଡ ମାଷ୍ଟର ଉପାଧି ହାସଲ କରିବାରେ ସଫଳ ହୋଇଛନ୍ତି ।ଏଠାରେ ସ୍ମରଣ କରି ଦିଆଯାଇପାରେ କି ରୁଦ୍ରାଂଶଙ୍କ ପୂର୍ବରୁ ହରିୟାଣା ରାଜ୍ୟର ଆରବ୍ ଗିରି, ୩ ବର୍ଷ ୧୧ ମାସରେ ୧୦ଟି ସରକାରୀ ଦଲିଲ୍ କୁ ଚିହ୍ନଟ କରିଥିବା ବେଳେ ତାଙ୍କ ରେକର୍ଡକୁ ରୁଦ୍ରାଂଶ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଏତେ ଅଳ୍ପ ବୟସରେ ଏଭଳି ବିରଳ ସଫଳତା ପାଇ ଅନ୍ୟ ମାନଙ୍କ ପାଇଁ ଉଦାହରଣ ଓ ପ୍ରେରଣାର ସ୍ରୋତ ପାଲଟିଥିବା ବିସ୍ମୟ ରୁଦ୍ରାଂଶଙ୍କ କୃତିତ୍ୱକୁ ନେଇ ପରିବାର ଲୋକେ ଗର୍ବିତ ହେବା ସହ ସାଧାରଣରେ ଭୂରି ଭୂରି ପ୍ରଶଂସା କରାଯାଇଛି।

# ଚାଷୀଙ୍କ ଧାନକ୍ରୟ କରିବା ନେଇ ଜିଲ୍ଲାପ୍ରଶାସନଙ୍କ ସହ ଆଲୋଚନା

**ଛତ୍ରପୁର,(ନି.ପ୍ର) :** ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରି ଥଇଥାନ କରିବା ନିମନ୍ତେ ଋଷି କୂଲ୍ୟା ରୟତ ମହାସଭା ପକ୍ଷରୁ ଦାବୀ କରାଯାଇଛି, ଏନେଇ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଶନିବାର ଜିଲ୍ଲାର ବହୁ ଚାଷୀ ମାନେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଂଚି ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଙ୍କୁ ଭେଟି ଏକ ଲିଖିତ ଦାବୀ ପତ୍ର ପ୍ରଦାନ କରିଛନ୍ତି, ଏହା ସହିତ ଏଫଏକ୍ୟୁ ମାନ ର କୋହଳ କରି ସୁରୁଖୁରୁରେ ପଞ୍ଜିକୃତ ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ନିମନ୍ତେ ସେମାନେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ଙ୍କ ଉପସ୍ଥିତ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି ଙ୍କ ସହ ଆଲୋଚନା କରିଛନ୍ତି, ଧାନ ପାଚିଲା କାଟିବା ସମୟରେ ଅଦିନିଆ ବର୍ଷ ଲଗାତର ଭାବେ ହେବା ଫଳରେ ଜମିରେ କଟା ହୋଇଥିବା ଧାନ ଫସଲ ନଷ୍ଟ ହେବା ସଂଗେ ଗଦା ହୋଇଥିବା ଧାନରେ ପାଣି ପଶି ଧାନ ଗମୁ ହୋଇ ନଷ୍ଟ ହୋଇଯାଇଛି । ଜିଲ୍ଲାର ପ୍ରାୟ ୪୦ ଭାଗ ଧାନ ଫସଲ ନଷ୍ଟ ହେବା ସଂଗେ ସଂଗେ ମୁଗ ବିରି, କଞ୍ଚା ଲଙ୍କା ଏବଂ ପନିପରିବା ଫସଲ ମଧ ନଷ୍ଟ ହୋଇଗଲା । ଦୀର୍ଘ ୨୦ ବର୍ଷ ମଧରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଏତେ ପରିମାଣରେ କେବେହେଲେ କ୍ଷତି ହୋଇନଥିଲା, ଯାହାକି



ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବା ସଂଗେ ସଂଗେ ବର୍ଷକର ଖାଦ୍ୟ ନଷ୍ଟ ହେଲା । ଏଣୁ ଗଂଜାମ ଜିଲ୍ଲାକୁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଥଇଥାନ କରିବାକୁ ଦାବୀ, ରିଲିଫ୍ କୋର୍ଡ଼ ପରିବର୍ତ୍ତନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୫ ହଜାର ଟଙ୍କା ନଗୁତି ଖର୍ଚ୍ଚ ବାବଦକୁ ପ୍ରଦାନ କଲେ ଚାଷୀମାନେ ଥଇଥାନ ହୋଇ ଋଣମୁକ୍ତ ହେବେ । ଅଦିନିଆ ବର୍ଷା ଲଗାତର ହେବା ଯୋଗୁଁ ପାଣି ଜମି ରହି ଅମଳ ଧାନ ଗମୁ ହୋଇଯାଇଛି । ଏଣୁ ଏଫ ଏ କ୍ୟୁ କୋହଳ କରି ଚାଷୀଙ୍କ ଆଦାୟ ଧାନ ସରକାରୀ ଦରରେ କିଣା ଯାଉ । ଚାଷୀମାନେ ଧାନ ଜମିରୁ ଧାନ ଛାଣି ଆଣି ରାତିଦିନ ଏକ କରି ଧାନ ଖଳାରେ ଶୁଖାଇଲେ । ଏଣୁ ଫସଲ ବୀମା ସହାୟତା ପାଇଁ ଆବେଦନ ସମୟ ଚାଲିଗଲା ପ୍ରାୟ ୮୦ ଭାଗ ଚାଷୀ ଫସଲ ବୀମା କରିଥିଲେ ସୁଦ୍ଧା ସହାୟତା ପାଇଁ କେବଳ ୨୦ ଭାଗ ଚାଷୀ ଅନ୍‌ଲାଇନ୍ ରେ ଆବେଦନ କରିପାରିଲେ, ପୁଣି ଚାଷୀମାନେ ଟୋଲ ଫ୍ରି ନମ୍ବର ବାରମ୍ବାର କରି ସୁଦ୍ଧା ନ ଲାଗିବାରୁ ଆବେଦନ କରିପାରିଲେ ନାହିଁ । ଏଣୁ କ୍ଷତିପୂରଣ ଦେବା ଭଳି ଫସଲବୀମା ସହାୟତା ଦେବାକୁ ଅଫ୍ ଲାଇନ୍‌ରେ ଆବେଦନ ପତ୍ର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଉ । ରବିଫସଲ କରିବା ପାଇଁ ଚିନାବାଦାମ, ରାଶି, କୋଳଥ ଏବଂ ପନିପରିବା ବିହନ ଓ ଜୈବିକ ସାର ଔଷଧ ରିହାତି ରେ ଯୋଗାଇ ଦିଆଯାଉ । ଟାଟା କମ୍ପାନୀ ଜୋର ଜୁଲମ୍ ଭାବେ ଉଠାଜଳସେଚନ ପ୍ରକଳ୍ପ ଉପରେ ଅଧିକ ବିଦ୍ୟୁତ୍ କର ନେଇ ଚାଷୀଙ୍କୁ ଶୋଷଣ କରୁଛି । ଏଣୁ ଏହା ଦୁର୍ଦ୍ଦିନ ରେ ସମସ୍ତ ବିଦ୍ୟୁତ୍ କର ଛାଡ଼ କରିବା ସଂଗେ ସଂଗେ ରବି ଫସଲ କରିବା ନିମନ୍ତେ ସମସ୍ତ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମ ଯୁଦ୍ଧକାଳୀନ ଭିତ୍ତରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ । ଭାଗ ଚାଷୀମାନେ ହେଉଛି ପ୍ରକୃତ ଚାଷୀ । ଏଣୁ ସେମାନଙ୍କୁ ଫସଲ କ୍ଷତିପୂରଣ ଓ ବୀମା ଆଦି ସହାୟତା ପ୍ରଦାନ ସମେତ ଆନ୍ୟନ୍ୟ ବିଷୟରେ ଆଲୋଚନା କରାଯାଇଥିଲା, ଏହି ଦାବୀ ପତ୍ର ପ୍ରଦାନ ବେଳେ ଋଷି କୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ, ବିଜୟ ସ୍ୱାଇଁ, ଜୟଦେବ ଲେଙ୍କା ଙ୍କ ସମେତ ବହୁ ଚାଷୀ ଏବଂ ଚାଷୀ ନେତା ମାନେ ଉପସ୍ଥିତ ଥିଲେ।

# ନିଯୁକ୍ତିଭିତିକ ସ୍ୱଳ୍ପ ଅବଧି ତାଲିମ ନେଇ ବ୍ଲକସ୍ତରୀୟ ପରାମର୍ଶ

**କଟକ,(ନି.ପ୍ର) :** ଦକ୍ଷତା ଭିତିରେ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ରାଜ୍ୟର ଯୁବଗୋଷ୍ଠୀଙ୍କୁ ନିଯୁକ୍ତିଭିତିକ ସ୍ୱଳ୍ପ ଅବଧି ତାଲିମ ପ୍ରଦାନ ନିମନ୍ତେ ବ୍ଲକସ୍ତରୀୟ ପରାମର୍ଶ ଶିବିରମାନ ଆୟୋଜନ କରାଯାଉଛି । ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ କଟକର ମିଳିତ ଉଦ୍ୟମରେ ଜିଲ୍ଲାର ସମସ୍ତ ପଂଚାୟତ ସମିତି କାର୍ଯ୍ୟାଳୟମାନଙ୍କରେ ଏହି ପରାମର୍ଶ ଶିବିର ଆୟୋଜନ ହେବ । ଏଥିରେ ଜିଲ୍ଲାର ପଂଚମ ଶ୍ରେଣୀ ପାସରୁ ଉର୍ଦ୍ଧ୍ୱ ଏବଂ ଅଧାରୁ ସ୍କୁଲ ଓ କଲେଜ ପାଠ୍ୟକ୍ରମ ଶେଷ କରିନଥିବା ଯୁବକଯୁବତୀ (୧୮ରୁ ୩୫ ବର୍ଷ)ମାନଙ୍କ ଦକ୍ଷତା ବୃଦ୍ଧି ସହିତ ସେମାନଙ୍କୁ କେତେକ ଅଗ୍ରଣୀ ବେସରକାରୀ ସଂସ୍ଥାଗୁଡିକର ସହଭାଗିତାରେ ଚାହିଦା ଥିବା ବିଭାଗ ଗୁଡିକରେ ତାଲିମ ପାଇଁ ପରାମର୍ଶ ଦିଆଯିବ । ଏହି ପରାମର୍ଶ ଶିବିର ଜାନୁଆରୀ ମାସ ୭ ତାରିଖରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ତାଲିମ ସମାପ୍ତ ପରେ ପ୍ରଶିକ୍ଷଣପ୍ରାପ୍ତ ପ୍ରାର୍ଥୀମାନଙ୍କୁ ତାଲିମ ପ୍ରଦାନକାରୀ ସଂସ୍ଥାଗୁଡିକ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କରିବେ । ଯୁବକଯୁବତୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଇଚ୍ଛା ମୁତାବକ ବିଭାଗରେ ତାଲିମ୍ ନେଇପାରିବେ । ପ୍ରଶିକ୍ଷଣ ସମୟରେ ରାଜ୍ୟ ସରକାର ରହିବା ଓ ଖାଦ୍ୟପେୟ ବାବଦ ସମସ୍ତ ଖର୍ଚ୍ଚ ବହନ କରିବେ ।ସୈନ୍ୟବାହିନୀ ସମେତ ବିଭିନ୍ନ ସରକାରୀ ପଲିଟେକନିକ, ବିଜୁ ପଟ୍ଟନାୟକ ଫିଲ୍ମ ଏଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଅଫ ଓଡିଶା, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, କଟକ ଓ ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱରଠାରେ ଉପଲବ୍ଧ ଥିବା ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଇଚ୍ଛୁକ ଯୁବକ ଯୁବତୀ ମଧ ଏଠାରେ ପରାମର୍ଶ ଗ୍ରହଣ କରିପାରିବେ। ଏହି ପରାମର୍ଶ ଶିବିର ନରସିଂହପୁର ବ୍ଲକରେ ୭ ତାରିଖ, ବଡମ୍ବାଠାରେ ୮ ତାରିଖ, ତିଗିରିଆଠାରେ ୯ ତାରିଖ, ଆଠଗଡଠାରେ ୧୦ ତାରିଖ, ବାଙ୍କୀଠାରେ ୧୬ ତାରିଖ, ବାଙ୍କୀ ଡମପଡାଠାରେ ୧୭ତାରିଖ, ନିଆଳୀଠାରେ ୧୮ ତାରିଖ, କଂଟାପଡାଠାରେ ୨୧ ତାରିଖ, ଟାଙ୍ଗୀ-ଚୌଦ୍ୱାର ଠାରେ ୨୨ ତାରିଖ, ମାହାଙ୍ଗାଠାରେ ୨୯ତାରିଖ, ନିଶ୍ଚିନ୍ତକୋଇଲିଠାରେ ୩୦ତାରିଖ, ସାଲେପୁରଠାରେ ୩୧ତାରିଖ, କଟକ ସଦରଠାରେ ଫେବୃଆରୀ ୧ ତାରିଖ, ବାରଙ୍ଗଠାରେ ଫେବୃଆରୀ ୪ ତାରିଖରେ ଅନୁଷ୍ଠିତ ହେବ । ସମସ୍ତ ଶିବିର ବ୍ଲକ କାର୍ଯ୍ୟାଳୟଠାରେ ଦିନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଚାଲିବ । ଇଚ୍ଛୁକ ପ୍ରାର୍ଥୀ ନିଜ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାର ଏବଂ ଫଟୋଗ୍ରାଫ ସହ ଏହି ଶିବିରରେ ପରାମର୍ଶ ଗ୍ରହଣ କରିପାରିବେ। ଅଧିକ ସୂଚନା ନିମନ୍ତେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ସହ ଯୋଗଯୋଗ କରାଯାଇପାରିବ ।

# ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଜୁନାଗଡ଼,(ନି.ପ୍ର) :** ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ ର ବୟାଳିଶି ତମ ବାର୍ଷିକ କ୍ରୀଡା ଉଦଯାପିତ ହେଇଯାଇଛି। ଉଦ୍ଘାଟନୀ ଉତ୍ସବରେ ଶ୍ରୀମତୀ ସାଗରିକା ଦାସ ପ୍ରାଧାପିକା ବିଭାଗୀୟ ମୁଖ୍ୟ ଏତିହାସ ବିଭାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସଭାରେ ଅଧକ୍ଷ ଶ୍ରୀ ବିଭୂତି ଭୂଷଣ ମେହେର ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରୀ ପ୍ରାଧାପକ ଆଦିତ୍ୟ କୁମାର ଖମାରି, ପ୍ରାଧାପକ କୈଳାଶ ଚନ୍ଦ୍ର ମେହେର, ଅଧାପକ ଶ୍ରୀ ପ୍ରିୟବ୍ରତ ବାନୁଆ, ଶ୍ରୀ ନେତ୍ରା ନନ୍ଦ ପ୍ରଧାନ, ଶ୍ରୀ ବିଶ୍ୱ ରଞ୍ଜନ ବେହେରା, ଇମରାନ ଖାନ୍, ଶ୍ରୀ ରାଜେଶ ପଟେଲ, ଶ୍ରୀ ହେମନ୍ତ ରଣା , ଶ୍ରୀମତୀ ସସ୍ମିତା ପଣ୍ଡା, ଶ୍ରୀମତୀ ସପନା ପ୍ରଧାନ, ଶ୍ରୀ ଶୁଭାଶିଶ ପାଣିଗ୍ରାହୀ, ଶ୍ରୀ ବଦଲ୍ ଗଉଡ, ଶ୍ରୀ ସଦାନନ୍ଦ ମରାଇ, ଶ୍ରୀମତୀ ପୂର୍ଣ୍ଣମାସି ମାଝୀ, ମିସ୍ ଯସମୀନ ବନିତା ସାହୁ, ଶ୍ରୀମତୀ ଅମିତା ମେହେର, ମିସ୍ ନତାଶା ମହାପାତ୍ର, ଶ୍ରୀ ଆକାଶ ମେହେର ଶ୍ରୀ ଆର୍ତ୍ତତ୍ରାଣ ସାହୁ, ଶ୍ରୀ ସୁଧାକର ପାଲ୍, ଶ୍ରୀ ଜନ୍ମେଜୟ ମେହେର, ଶ୍ରୀ ବସନ୍ତ ମାଝୀ, ଶ୍ରୀ ରିଷଭ ବାନୁଆ, ଶ୍ରୀ ଆଦର୍ଶ ପଣ୍ଡା ଯୋଗ ଦେଇ ଥିଲେ ଖେଳ ଶିକ୍ଷକ ଶ୍ରୀ ସମୀର କୁମାର ସାହୁ ସମସ୍ତ ଖେଳକୁ ତଦାରଖ କରିଥିଲେ ଶ୍ରୀ ଦୂର୍ଗା ପ୍ରସାଦ ସିଂହ ଚମେଲୀ ଦେବୀ କଲେଜ ରୁ ଡେପୁଟେସନ ରେ ଆସି ସହଯୋଗ କରିଥିଲେ । ବିକାଶ, କୁନି, ଗୁପ୍ତେ, ତ୍ରିଭୁବନ, ପ୍ରବୀଣ ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବ ରେ ସଫଳ ବ୍ୟବସାୟୀ ତଥା ସମାଜସେବୀ ଶ୍ରୀ ଲଳିତ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଓ ହିମଦ୍ରି ସିନ୍ଦୂର, ହିମାଂଶୁ ବରାଡ, ସରୋଜ ପଣ୍ଡା ବିଭୂତି ଭୂଷଣ ପଣ୍ଡା, କାଳିଆ କନ୍ଧପାନ, ରାକେଶ ବେମାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ ଦୁଇଶହ କୋଡ଼ିଏ ଜଣ କ୍ରୀଡାବିତ୍ ଖେଳାଳି ଭାବେ ଭାଗନେଇଥିଲେ । ୧୦୦, ୨୦୦, ୪୦୦, ୮୦୦,୧୫୦୦, ମିଟର ରନ୍, ଲମ୍ଭ ଦିଆ, ଉଚ୍ଚ ଦିଆ, ଗୋଲା ଫିଙ୍ଗା, ଡିସ୍କସ୍ ଫିଙ୍ଗା, ବର୍ଚ୍ଛା ଫିଙ୍ଗା ଉଭୟ ବାଳକ ଓ ବାଳିକା ବିଭାଗ ର ପ୍ରତିଯୋଗୀତା ହେଇଥିଲା ।



# ଚିଲିକାରେ ଅତ୍ୟାଧୁନିକ ହାଉସ ବୋଟ କ୍ରୁଜ

**ବାଲୁଗାଁ,(ନି.ପ୍ର) :** ଓଡ଼ିଶା ପର୍ଯ୍ୟଟନ ଭାରତରେ ଏକ ପ୍ରମୁଖ ଇକୋ ଟ୍ୟୁରିଜିମ ହବ ପାଲଟିଥିବା ବେଳେ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ଚିଲିକା ପରିଚିତ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଚିଲିକା ଜଳରାଶିରେ ନୌବିହାର ନିମିତ୍ତ ବଡ଼କୁଳ ପାନ୍ଥନିବାସ ଠାରେ ବୋଟ ବ୍ୟବସ୍ଥା ସାଙ୍ଗକୁ ପ୍ରାଇଭେଟ ମୋଟର ବୋଟ ଆସୋସିଏସନ ପକ୍ଷରୁ ମୋଟର ଚାଳିତ ଡଙ୍ଗା ଏବଂ ବାଲୁଗାଁ ଜେଟି ଠାରେ ଅନ୍ତର୍ଦେଶୀୟ ଜଳପଥ ପରିବହନ ପକ୍ଷରୁ ଲଞ୍ଚ ଓ ସ୍ଥାନୀୟ ବୋଟ ଆସୋସିଏସନ ପକ୍ଷରୁ ମୋଟର ଚାଳିତ ଡଙ୍ଗା ଉପଲବ୍ଧ ରହିଛି। ଏଥିସହିତ ଚିଲିକାରେ ବିଳାସପୂର୍ଣ ଯାତ୍ରା ନିମନ୍ତେ ୨୦୨୨ ଜୁନ ୯ ତାରିଖରେ ବିକାଶ ଇକୋ ରିସୋର୍ଟସ ପକ୍ଷରୁ ଦୁଇ ମହଲା,୬ ଶୀତତାପ ନିୟନ୍ତ୍ରିତ କୋଠରୀ ବିଶିଷ୍ଟ ହାଉସ ବୋଟ 'ଗରୁଡ଼' ଯାତାୟାତ କରୁଥିଲା। ଚିଲିକାରେ ନୌବିହାର ସାଙ୍ଗକୁ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ଅହେତୁକ ଆଗମନ ସାଙ୍ଗକୁ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଓଡିଶା ପର୍ଯ୍ୟଟନ ବିକାଶ ନିଗମ ପକ୍ଷରୁ ବଡ଼କୁଳ ପାନ୍ଥନିବାସ ଠାରେ ଦୁଇଟି ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ,୪୦ ସିଟ ବିଶିଷ୍ଟ କ୍ରୁଜ ବୋଟ ପଦାର୍ପଣ କରିଛି। ଦୀର୍ଘ ଦିନ ଧରି ଏହି ଦୁଇଟି ବୋଟ ବଡ଼କୁଳ ପାନ୍ଥନିବାସ ଠାରେ ରଖାଯାଇଥିବା ବେଳେ ଶନିବାର ଅପରାହ୍ନରେ ଏହାର ଶୁଭାରମ୍ଭ କରାଯାଇଛି। ବଡ଼କୁଳ ପାନ୍ଥ ନିବାସଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ରହି ଏହାର ଶୁଭାରମ କରିଥିଲେ।ଏହିଅବସରରେ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଳମୁକୁନ୍ଦ ଭୁୟାଁ,ଓଟିଡିସି ଜିଏମ ଲଲାଟେନ୍ଦୁ ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ମିରାବାଇ ବେହେରା,ଜିଲ୍ଲାପାଳ ଚଞ୍ଚଳ ରାଣା,ଏସପି ସାଗରିକା ନାଥ, ସ୍ଥାନୀୟ ଜନପ୍ରତିନିଧି, ବନ୍ଦର ଓ ଅନ୍ତର୍ଦେଶୀୟ ନିର୍ଦ୍ଦେଶାଳୟ,ବଡ଼କୁଳ ଓଟିଡ଼ିସି କର୍ତ୍ତୃପକ୍ଷ ସବ୍ୟସାଚୀ କର, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏବଂ ରାଜ୍ୟ ସରକାରଙ୍କ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପର ପ୍ରଶଂସା ସାଙ୍ଗକୁ ସଫଳ ରୂପାୟନ କାମନା କରିଥିଲେ।୧୯୮୧ ମସିହାରେ ଚିଲିକାକୁ ରାମସାର ସମ୍ମିଳନୀ ଅଧୀନରେ ଅନ୍ତର୍ଜାତୀୟ ଭାରତୀୟ ଆଦ୍ରଭୂମି ମାନ୍ୟତା



ମିଳିଥିଲା।ବିଶ୍ୱସ୍ତରରେ ଚିଲିକା ଏହାର ବିବିଧ ଉପକୂଳ ଦୃଶ୍ୟ,ପ୍ରାଚୀନ ହ୍ରଦ ଏବଂ ଜୀବନ୍ତ ସାଂସ୍କୃତିକ ଇତିହାସ ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହ୍ୟର ଉତ୍କୃଷ୍ଟ ମିଶ୍ରଣ।ଯାହାଫଳରେ ଚିଲିକାର ଭିତ୍ତିଭୂମି ଓ ସେବାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନାରେ ଉପକୂଳ ସର୍କିଟ ଚିଲିକାର ବିକାଶ ନିମିତ୍ତ ୧.୮ କୋଟି ଟଙ୍କା ବ୍ୟୟରେ ଦୁଇଟି ବିଳସପୂର୍ଣ କ୍ରୁଜ ବୋଟ ପ୍ରଦାନ କରାଯାଇଛି।ଯାହାକି ଉକ୍ତ ବୋଟରେ ଉଚ୍ଚମାନର ପର୍ଯ୍ୟଟନ,ଆରାମଦାୟକ ଓ ସ୍ମରଣୀୟ ଯାତ୍ରା ଅନୁଭୂତି ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି।୪୦ ସିଟ ବିଶିଷ୍ଟ କ୍ରୁଜ ବୋଟ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଠାରୁ ଆରମ୍ଭ କରି ଅନ-ବୋର୍ଡ ଫୁଡ଼ ସର୍ଭିସ,ସର୍ବନିମ୍ନ ଶବ୍ଦ,ସ୍ୱଚ୍ଛ ଶୌଚାଳୟ ଏବଂ ଅନ୍ୟାନ୍ୟ ଆଧୁନିକ ସୁବିଧା ଏହି କ୍ରୁଜ ବୋଟରେ ଉପଲବ୍ଧ ରହିଛି।ଯାହାକି ପର୍ଯ୍ୟଟକ ମାନେ ଏହି ବୋଟରେ ସୁଲଭ ମୂଲ୍ୟରେ ଶାନ୍ତିପୂର୍ଣ୍ଣ ନୌଯାତ୍ରା ସାଙ୍ଗକୁ ପ୍ରାକୃତିକ କାଳିଜାଇ ଦ୍ୱୀପ,ପକ୍ଷୀ ଅଭୟାରଣ୍ୟ ନଳବଣ ସମେତ ଚିଲିକା ପରିସରରେ ଅବସ୍ଥାପିତ ସମସ୍ତ ଅଞ୍ଚଳ ପରିଭ୍ରମଣ କରିବାସହ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ସରକାର ପ୍ରତିଶ୍ରୁତି ବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଏହିପରିପ୍ରେକ୍ଷୀରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା, ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ସମେତ ପ୍ରମୁଖ ବ୍ୟକ୍ତିବିଶେଷ ଉକ୍ତ ବୋଟରେ କିଛି ସମୟ ନୌଯାତ୍ରା କରିଥିଲେ।ପୂର୍ବରୁ ବଡ଼କୁଳ ଓଟିଡିସି ଠାରେ ୮ ଟି ବୋଟ ରହିଥିବା ବେଳେ ଆଜି ଦୁଇଟି କ୍ରୁଜ ବୋଟ ଉଦଘାଟନୀ ପରେ ଯାତ୍ରୀଙ୍କୁ ନୌଯାତ୍ରା ନେଇ ବୋଟ ସଂଖ୍ୟା ୧୦ ରେ ପହଞ୍ଚିଛି। କିନ୍ତୁ ଉକ୍ତ କ୍ରୁଜ ବୋଟରେ ନୌଯାତ୍ରାର ଅନୁଭୂତି ସମ୍ପୂର୍ଣ୍ଣ ନିଆରା ବୋଲି ଓଟିଡିସି ଜିଏମ ଲଲାଟେନ୍ଦୁ କହିଛନ୍ତି।

## ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ,ଅଭିଯୁକ୍ତ ଗିରଫ

**ବାଲୁଗାଁ,(ନି.ପ୍ର) :** ବାଲୁଗାଁ ଆରପିଏଫ ଜଣେ ଗଞ୍ଜେଇ ବେପାରିଙ୍କୁ ରେଳ ଷ୍ଟେସନ ପରିସରରୁ ଗିରଫ କରି ତାଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଛି.ସୂଚନା ମୁତାବକ ଶୁକ୍ରବାର ରାତିରେ ବାଲୁଗାଁ ଆରପିଏଫ ଆଇଆଇସି ଜିତେନ୍ଦ୍ର ମୌର୍ଯ୍ୟଙ୍କ ନେତୃତ୍ୱରେ ବାଲୁଗାଁ ରେଳ ଷ୍ଟେସନ ପରିସରରେ ପାଟ୍ରୋଲିଂ ଜାରି ରହିଥିବା ବେଳେ ଏକ ନମ୍ବର ପ୍ଲାଟଫର୍ମରେ ଟ୍ରେନ ଯୋଗେ ଗଞ୍ଜେଇ ଚୋରା ଚାଲାଣ ଅପେକ୍ଷାରେ ଥିବା ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନା ଅଞ୍ଚଳର ଶଙ୍କର୍ଷଣ ପ୍ରଧାନ(୪୦) ଅଭିଯୁକ୍ତଙ୍କୁ ଗିରଫ କରିଥିଲା ଆରପିଏଫ।ତାଙ୍କ ନିକଟରୁ ଦୁଇ ଗୋଟି ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ ହୋଇଛି ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ଖୋର୍ଦ୍ଧା ରୋଡ ଜିଆରପିକୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଶ୍ରୀ ମୌର୍ଯ୍ୟ କହିଛନ୍ତି।



## ଅଲଣାହାଟ ହାଇସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

**ଜଗତସିଂହପୁର,(ନି.ପ୍ର) :** ସର୍ବପୁରାତନ ଅଲଣାହାଟ ହାଇସ୍କୁଲରେ ଗତ ମାସ ୧୯ ଓ ୨୦ ତାରିଖରେ ଦୁଇଦିନ ବ୍ୟାପି ଆରମ୍ଭ ହୋଇଥିବା ବାର୍ଷିକ



କ୍ରୀଡାଉତ୍ସବ ଆଜି ଉଦଯାପିତ ହୋଇଯାଇଛି। ଗତମାସ ୧୯ ତାରିଖରେ କ୍ରୀଡା ଶିକ୍ଷକ ଅଭିଜିତ ପରିଡାଙ୍କ ତତ୍ତ୍ୱବଧାନରେ ଆୟୋଜିତ କ୍ରୀଡା ଉତ୍ସବକୁ ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ପାଢ଼ୀ ଛାତ୍ରଛାତ୍ରୀ ମାନଙ୍କ ସମାବେଶରେ କ୍ରୀଡ଼ା ପତାକା ଉତ୍ତୋଳନ, ମଶାଲ ପ୍ରଜ୍ୱଳନ ଓ ଶପଥପାଠ ସହିତ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀ ମାନେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ୧୦୦ମି, ୨୦୦ମି, ୪୦୦ମି, ୧୫୦୦ମି ଦୌଡ଼, ଗୋଳା ଫିଙ୍ଗା, ଭଲିବଲ , ଡିସକସ ଥ୍ରୋ , ଲମ୍ଫଡିଆଁ, ଦୌଡ଼ି ଡିଆଁ,ଟ୍ରିପଲ ରେସ ଅଖା ଦୌଡ଼, ସ୍ଲୋ ସାଇକଲିଙ୍ଗ ରେସ, ଗଣିତ ଦୌଡ଼, ମ୍ୟୁଜିକ ଚେୟାର, ରିଲେ ରେସ, ଏକକ ଅଭିନୟ ଏବଂ ହାଉସ ଭିତରେ ଟଗ ଅଫ ୱାର ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ଶୁଭସ୍ମିତା ନାୟକ, ସଞ୍ଜୟ କୁମାର ନାୟକ, ସତ୍ୟନାରାୟଣ ଶିବସୁନ୍ଦର ସ୍ୱାଇଁ, ରୋଜାଲିନ ସ୍ୱାଇଁ, ମଧୁସ୍ମିତା ବେହେରା, ମଧୁସ୍ମିତା ମଲ୍ଲିକ, ଆଶୁତୋଷ ତ୍ରିପାଠୀ, ମନୋସ୍ୱିନୀ ମିଶ୍ର, ସୁଧୀର କୁମାର ବେହେରା, ଲିଙ୍ଗରାଜ ସାହୁ ପ୍ରଭୃତି ଶିକ୍ଷକ ଶିକ୍ଷୟତ୍ରୀ ମାନେ ବିଭିନ୍ନ ବିଭାଗରେ ବିଚାରକ ଭାବେ ଦାଇତ୍ୱ ନିର୍ବାହ କରିଥିଲେ । ବସନ୍ତ କୁମାର ସ୍ୱାଇଁ, ପ୍ରୀତିରଞ୍ଜନ ସାହୁ, ଅମ୍ବିକା ପ୍ରସାଦ ସାହୁ, ଅମୂଲ୍ୟ କୁମାର ମିଶ୍ର,ସରୋଜ କୁମାର ମଲ୍ଲିକ ଏବଂ କିଶୋରୀ ମୋହନ ଦାସ ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ । ଏହି ବାର୍ଷିକ କ୍ରୀଡା ଉତ୍ସବରେ ପ୍ରାୟତଃ ୪୦୦ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ପ୍ରତ୍ୟକ ଖେଳରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ କ୍ରୀଡ଼ାବିତଙ୍କୁ ପ୍ରଧାନଶିକ୍ଷକ ଓ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ

**ବାସୁଦେବପୁର,(ନି.ପ୍ର) :** ଭଦ୍ରକ ଜିଲ୍ଲା ବାସୁଦେବପୁରରେ ସ୍ୱର୍ଗତ ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଙ୍କ ସତେଇଶି ତମ ଶ୍ରାଦ୍ଧ ବାର୍ଷିକ ରେ ଭାବ ବିହ୍ୱଳ ହୋଇ ଯାଇ ଥିଲା ରକ୍ତ ତୀର୍ଥ ଇରମ ର ମେଳନ ପଡିଆ। ରକ୍ତ ଭିଜା ମାଟି ତାର ବୀର ସନ୍ତାନ ର ଗାଥା ବଖାଣୁ ଥିଲା। ଗୌରାଙ୍ଗ ଚନ୍ଦ୍ର ସ୍ମୃତି କମିଟି, ବରିଷ୍ଠ ନାଗରିକ ସଂଘ, ଅବସର ପ୍ରାପ୍ତ କର୍ମଚାରୀ ସଂଘ ର ମିଳିତ ଆନୁକୂଲ୍ୟ ରେ ଶନିବାର ପୁଣ୍ୟ ମାଟି ଇରମ ଠାରେ ସଂଗ୍ରାମୀ ଙ୍କ ଶ୍ରଦ୍ଧାଞ୍ଜଳି ସଭା ରେ ମାନ୍ୟବର ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ଅଶୋକ କୁମାର ଦାସ ଯୋଗ ଦେଇ ସଂଗ୍ରାମୀ ଙ୍କ ସ୍ମୃତି ଚାରଣ କରିଥିଲେ ।ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ସହ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଙ୍କ ଆତ୍ମୀୟତା ଓ ସଂଗ୍ରାମୀ ଙ୍କ ଘରେ ଗୋପବନ୍ଧୁ ଦାସ ଙ୍କ ରାତ୍ରୀ ଯାପନ ପରି ଅନେକ ଘଟଣା ସମ୍ପର୍କ ରେ ବିସ୍ତୃତ ତଥ୍ୟ ରଖିଥିଲେ ଐତିହାସିକ ତଥା ଗବେଷକ ଡ଼ଃ ଅଜୟ କୁମାର ପଣ୍ଡା। ଯେଉଁ ସଂଗ୍ରାମୀ ମାନଙ୍କ ତ୍ୟାଗ, ତିତିକ୍ଷା ଓ ବଳିଦାନ କୁ ପାଥେୟ କରି ଦେଶ ସ୍ୱାଧୀନ ହେଲା ସେମାନଙ୍କୁ କିପରି ପର ମୁହୂର୍ତ୍ତ ରେ ରାଜନୀତି ର ଅଳିଆ ଗଦା କୁ ଫିଙ୍ଗି ଦିଆଗଲା ତାର ଶିକାର ହୋଇ ଥିଲେ ବାସୁଦେବପୁର ଗାନ୍ଧୀ, ଏକଥା କହିବା ବେଳେ ଶିକ୍ଷାବିତ୍ ଭାଗିରଥି ମହାନ୍ତି ସଂଗ୍ରାମୀ ଙ୍କ ସହ କରାଯାଇଥିବା ଅନ୍ୟାୟ କୁ ଆଗାମୀ ପିଢ଼ି ତାଙ୍କ ଆବର୍ତ୍ତମାନ ରେ ଭରଣା କରିବାର ସମୟ ଆସିଛି ବୋଲି କହିଥିଲେ।ଉକ୍ତ ଶ୍ରାଦ୍ଧ ବାର୍ଷିକୀ ସଭା ରେ ନିଜର ଯାଦୁକରୀ ଶବ୍ଦ ସଂଯୋଜନା ରେ ବରିଷ୍ଠ ଶିକ୍ଷାବିତ ଦୁଃଶାସନ ରାଉତ ସଭା ପରିଚାଳନା କରିଥିବା ବେଳେ ସଂଗ୍ରାମୀଙ୍କ ସୁ ପୁତ୍ର ମାନସ ମହାନ୍ତି, ସ୍ମୃତି କମିଟି ସଭାପତି ପୁର୍ଣ୍ଣ ଚନ୍ଦ୍ର ପରିଡା, କଟ ଚନ୍ଦ୍ର ବେହେରା, ଅଧ୍ୟାପକ ବସନ୍ତ ଦାସ, ରତ୍ନାକର ବାରିକ, ସମାଜସେବୀ ତ୍ରୈଲୋଚନ ଯେନା , କବି ପ୍ରହଲ୍ଲାଦ ବାରିକ ପ୍ରମୁଖ ଉପସ୍ଥିତ ରହି ଗୌରାଙ୍ଗ ଚନ୍ଦ୍ର ଙ୍କ ସମ୍ପର୍କ ରେ ଅଭିମତ ରଖି ଥିଲେ। ବାସ୍ତବ ରେ ସେ ଥିଲେ ବାସୁଦେବପୁର ର ଗାନ୍ଧୀ। ଖାଲି କଥା ରେ ନୁହେଁ ତାଙ୍କ ସ୍ମୃତି କୁ ଉଦଜୀବିତ କରିବାକୁ ପଡ଼ିବ ବୋଲି ଉପସ୍ଥିତ ସମସ୍ତେ କହିଥିଲେ।



## ପ୍ରିନ୍ସ କଲେଜରେ ବାର୍ଷିକ କ୍ରୀଡ଼ା ମହୋତ୍ସବ

**ବାରିପଦା,(ନି.ପ୍ର) :** ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପ୍ରିନ୍ସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବାରିପଦାର ବାର୍ଷିକ କ୍ରୀଡା ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରିନ୍ସ କଲେଜର ଅଧକ୍ଷା ସ୍ୱାଧୀନତା କର ଏବଂ ଉପାଧକ୍ଷ ଦେବବ୍ରତ ଜର୍ଜ ଏହି ବାର୍ଷିକ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ । ପ୍ରାରମ୍ଭରେ ଉପାଧକ୍ଷ ଡି. ଜର୍ଜ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳା ଶପଥ ଗ୍ରହଣ କରାଇ ମଶାଲ ପ୍ରଜ୍ୱଳନ ପୂର୍ବକ ଏହି କ୍ରୀଡ଼ା ମହୋତ୍ସବ ଆରମ୍ଭ କରିଥିଲେ । କ୍ରିକେଟ, ଭଲି, ବ୍ୟାଡମିଣ୍ଟନ, ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ସଟପୁଟ ପରି କୋଡ଼ିଏରୁ ଅଧିକ ବିଭାଗରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କ୍ରୀଡ଼ା ମହୋତ୍ସବକୁ ବରିଷ୍ଠ ଅଧ୍ୟାପକ ପରମେଶ୍ୱର ଦେଙ୍କ ତତ୍ୱାବଧାନରେ ଏମନ ନାଜ, ସୁଲଗ୍ନା ପଣ୍ଡା, ଶୁଭଲକ୍ଷ୍ମୀ ମହାପାତ୍ର, ଭାଗ୍ୟଶ୍ରୀ କରମାକର, ପ୍ରିୟବ୍ରତ ପାତ୍ର, ବି.ବି. ନନ୍ଦି, ବିରଞ୍ଚି ମଲ୍ଲିକ, ବିଶ୍ୱଜିତ ରାଉତ, ଗୋପିନାଥ ବିଶ୍ୱାଳ, ହିମାଂଶୁ ଗୁପ୍ତା, ଦିଲ୍ଲିପ ମହାନ୍ତି, ପ୍ରଶାନ୍ତ ଦତ୍ତ, ସୁରଜିତ ଦାସ, ରେଣୁବାଲା ସାହୁ,ଦିନେଶ ବେହେରା, ଲକ୍ଷହୀରା ସେଠୀ, ଉର୍ମିଳା ଭୋଇ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ପ୍ରିନ୍ସ କଲେଜର ଛାତ୍ର ଅଭିଷେକ ଧଡାଙ୍କୁ, ୨୦୨୪ ମସିହାରେ ଓଡିଶାର ଉଚ୍ଚମାଧ୍ୟମିକ ବୋର୍ଡ଼ରେ+୨ ବିଜ୍ଞାନ ପରୀକ୍ଷାରେ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଟପ୍ପର ହୋଇଥିବାରୁ ପ୍ରିନ୍ସ ଗ୍ରୁପର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସମ୍ମାନିତ କରିବା ସହିତ ତାଙ୍କର ଉଚ୍ଚଶିକ୍ଷା ନିମନ୍ତେ ୧ଲକ୍ଷ ୫୦ହଜାର ଟଙ୍କାର ଚେକ ପ୍ରଦାନ କରିବା ସହିତ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

## ୪ ଦିନ ବ୍ୟାପି ଚାଲୁଥିବା ମେଳାରେ ବହୁଚାଷୀ ଲାଭାନ୍ୱିତ ହେବେ

**ବାରିପଦା,(ନି.ପ୍ର) :** ଚାଷୀଙ୍କ ପାଖରେ ଆଧୁନିକ କୃଷି ଯନ୍ତ୍ରପାତି ପହଞ୍ଚାଇବା ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ବାରିପଦା ଛଉ ପଡିଆ ଠାରେ ଉଦ୍ଘାଟିତ ହୋଇଯାଇଛି। ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଜିଲ୍ଲାସ୍ତରୀୟ ମେଳାର ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜ ସାଂସଦ ନବଚରଣ ମାଝୀ ଯୋଗଦେଇ ମେଳାକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ, କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ପୃଷ୍ଟି ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସର ରେ ସାଂସଦ ଶ୍ରୀ ମାଝୀ ଚାଷୀମାନଙ୍କୁ ଆଧୁନିକ କୃଷି ଉପକରଣ ପ୍ରଦାନ କରିବା ସହ ବିଭିନ୍ନ ପ୍ରକାର ଚାଷ କରୁଥିବା ଚାଷୀ, ଓ ସଂସ୍ଥାମାନଙ୍କୁ ପୁରସ୍କୃତ କରିଥିଲେ । ଚାଷ ସମେତ ମୟୂରଭଂଜରେ ସବାଇଘାସ, ଷ୍ଟ୍ରବେରି ଓ ଅନ୍ୟାନ୍ୟ କୁଟୀର ଶିଳ୍ପସମୂହ ଅଛି । ମୟୂରଭଂଜକୁ ଆଧୁନିକ କୃଷି ଅର୍ଥନୀତି ଭାବେ ଗଢିତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଚାଷୀ, ମହିଳା, ଯୁବ, ପଛୁଆ ବର୍ଗର ଲୋକମାନେ ଏ ସବୁ କ୍ଷେତ୍ରରେ ନେତୃତ୍ୱ ନେବେ ବୋଲି ଅତିଥି ମାନେ କହିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ହେବାର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଚାଷରେ ସଫଳତା ପାଇଥିବା ଚାଷୀ ମାନଙ୍କୁ ଜିଲ୍ଲା କୃଷି ଅନୁଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ସେମାନଙ୍କମଧରେ ରାକ୍ଷୀ ପାଣି, ପ୍ରଫୁଲ୍ଲ ମଡୁଆଳ, ମନୋରଞ୍ଜନ ରାଉତ, ଭାଗବତ ପାତ୍ର ଓ ରଂଜିତା ଗିରି ପ୍ରମୁଖ ମୁଖ୍ୟ ଅତିଥିଙ୍କ ପାଖରୁ ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ଉପନିର୍ଦ୍ଦେଶିକା ସୁଶ୍ରୀ ମଧୁସ୍ମିତା ଜେନା ମଂଚ ପରିଚାଳନା କରିଥିବା ବେଳେ, ଅତିରିକ୍ତ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା କାର୍ଯ୍ୟକ୍ରମ ସଂଚାଳନା କରିଥିଲେ । ୮୦୦ ରୁ ୧୦୦୦ ଜଣ ଚାଷୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



## ବନାଗ୍ନି ନିବାରଣ ଓ ସଫଳ ମୁକାବିଲା ନେଇ କାର୍ଯ୍ୟଶାଳା

**ବାରିପଦା,(ନି.ପ୍ର) :** ବାରିପଦା ବନଖଣ୍ଡ ପକ୍ଷରୁ ଶଙ୍ଖାଭଙ୍ଗା ସ୍ଥିତ ନର୍ସରୀ ଠାରେ ବିଭାଜନ ସ୍ତରୀୟ ବନାଗ୍ନି ନିବାରଣ ଓ ଏହାର ସଫଳ ମୁକାବିଲା ନିମନ୍ତେ ଏକ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ସର୍ବବୃହତ ଜୈବ ମଣ୍ଡଳ ଶିମିଳିପାଳରେ ନିଆଁ ଲାଗିବାରୁ ସୁରକ୍ଷା ଦେବା ଏବଂ ଏହି ବନାଗ୍ନିକୁ ରୋକିବା ନିମନ୍ତେ ଜଙ୍ଗଲ ଅଗ୍ନି ନିରାକରଣ ଏବଂ ପରିଚାଳନା କାର୍ଯ୍ୟ ଯୋଜନା ସମ୍ବନ୍ଧରେ ଜିଲ୍ଲା ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ସେହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ସହଭାଗିତା ନିମନ୍ତେ ନିୟୋଜିତ ବିଭିନ୍ନ ଜରୁରୀକାଳୀନ ପଦାଧିକାରୀଙ୍କ ପାଇଁ ଏହି କାର୍ଯ୍ୟଶାଳା ସମେତ ମକଡ୍ରିଲ ମଧ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟଶାଳାରେ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କ ସମେତ ଜିଲ୍ଲା ଜରୁରୀ କାଳୀନ ଅଧିକାରିଣୀ ସୁଶ୍ରୀ ଶ୍ରଦ୍ଧା ସୁମନ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସୁଜିତ କୁମାର ପ୍ରଧାନ, ସହକାରୀ ବନ ସଂରକ୍ଷକ ରବିନାରାୟଣ ମହାନ୍ତି ଓ ଅନରାରି ୱାର୍ଡେନ ବିଭୁତି ପଟନାୟକ ପ୍ରମୁଖ ଯୋଗ ଦେଇ ବନାଗ୍ନିକୁ ରୋକିବା ନିମନ୍ତେ ଆବଶ୍ୟକୀୟ ପଦ କ୍ଷେପ ନେବାପାଇଁ ବିଭିନ୍ନ କାର୍ଯ୍ୟାବଳୀ ବିଷୟରେ ମତ ପ୍ରକାଶ କରିଥିଲେ । ବୈଠକ ପ୍ରାରମ୍ଭରେ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ଶିମିଳିପାଳରେ ନିଆଁ ଲାଗିବାର ପ୍ରମୁଖ କାରଣ ସଚେତନତାର ଅଭାବ, ମନୁଷ୍ୟକୃତ କାର୍ଯ୍ୟକଳାପ ଯଥା ପୋଡୁଚାଷ, ଧାନ ନଡ଼ା ଜାଳିବା, ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇଦେବା , ଅନଧିକାର ଜବରଦଖଲ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଭଳି କାର୍ଯ୍ୟ ଯୋଗୁଁ ବନାଗ୍ନି ଭଳି ଦୁର୍ବିପାକ ହେଉଛି । ଏଣୁ ଏହି ମନୁଷ୍ୟକୃତ କାର୍ଯ୍ୟକଳାପ ଠାରୁ ନିବୃତ୍ତ ରହିବାପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ପୋଲିସ, ଅଗ୍ନିଶମ, ଅବକାରୀ, ଜରୁରୀକାଳୀନ, ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ବିଭିନ୍ନ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା ଏବଂ ଏହି ମକ ଡ୍ରିଲ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଭିନ୍ନ ବନଖଣ୍ଡରେ ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।



## ନେହେରୁ ଯୁବକେନ୍ଦ୍ର ଦ୍ୱାରା କ୍ରୀଡ଼ା ପ୍ରତିଯୋଗିତା



**ବେତନଟୀ,(ନି.ପ୍ର) :** ବେତନଟୀ ବ୍ଲକ ଅନ୍ତର୍ଗତ ଗଡଦେଉଳିଆ ରେ ନେହେରୁ ଯୁବକେନ୍ଦ୍ର ମୟୂରଭଞ୍ଜ ଓ ବୀର ବିର୍ସା କ୍ଲବ ଲାଖବିନ୍ଧା ମିଳିତ ଆନୁକୁଲ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା । କ୍ଲବ ସମ୍ପାଦକ ଶଙ୍କର ଚାପେୟାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜୟ କୁମାର ପରିଡ଼ା (ଅବସର ପ୍ରାପ୍ତ ଖେଳ ଶିକ୍ଷକ) ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି - ଉମାକାନ୍ତ ବେହେରା, (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ), ମୁଖ୍ୟବକ୍ତା - ସନ୍ତୋଷ କୁମାର ଖଣ୍ଡା (ଫୋର୍ଡର ସମ୍ପାଦକ), ସମ୍ମାନନୀୟ ଅତିଥି ଭାବେ ବୁଧିଆ ସିଂ(ସମାଜ ସେବୀ), ମଧୁ ସିଂ ଓ ଦୁଃଖିଶ୍ୟାମ ସିଂ ପୂର୍ବତନ ସରପଞ୍ଚ ଉପସ୍ଥିତ ହୋଇ କ୍ରୀଡ଼ା ପ୍ରେମୀଙ୍କୁ ଉତ୍ସାହିତ କରିବା ସହିତ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଫୋଟବଲ (ପୁରୁଷ), କବାଡି(ମହିଳା), ତାଇକଣ୍ଡ (ପୁରୁଷ), ଧୀର ସାଇକଲ ଚଲାଇବା (ମହିଳା), ବ୍ୟାଡମିଣ୍ଟନ (ମହିଳା) ପ୍ରତିଯୋଗିତା କରାଯାଇଥିଲା । ନେହେରୁ ଯୁବ କେନ୍ଦ୍ରର ଏଭଳି ପ୍ରୟାସକୁ ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ । କ୍ଲବର ସଭ୍ୟ-ସଭ୍ୟା ମାନେ ସହଯୋଗ କରିଥିଲେ । ସର୍ବଶେଷରେ ଲକ୍ଷ୍ମୀଧର ମାଝୀ ସଭାପତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କଂଗ୍ରେସ ବାସୁଦେବପୁର ନାମରେ ଫେକ୍ ଆକାଉଣ୍ଟ

### ବିଧାୟକଙ୍କ ନିର୍ଦ୍ଦେଶ ପରେ ଯୁବ କଂଗ୍ରେସ କର୍ମୀମାନେ ଦେଲେ ଏତଲା

**ବାସୁଦେବପୁର,(ନି.ପ୍ର) :** ଭଦ୍ରକ ଜିଲ୍ଲା ବାସୁଦେବପୁର ରେ କଂଗ୍ରେସ ବାସୁଦେବପୁର ନାମ ରେ ଏକ ଫେକ ଆକାଉଣ୍ଟ ଫେସ୍ ବୁକ୍ ରେ ଖୋଲା ଯାଇଛି ବୋଲି ଯୁବ କଂଗ୍ରେସ କର୍ମୀମାନେ ବାସୁଦେବପୁର ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ବାସୁଦେବପୁର ଗଣ ମାଧ୍ୟମ ପ୍ରତିନିଧି ମାନଙ୍କ ନାମ ରେ ଏଣୁ ତେଣୁ ପୋଷ୍ଟ କରିବା ପରେ ବାସୁଦେବପୁର ଗଣ ମାଧ୍ୟମ ପ୍ରତିନିଧି ମାନେ ବିଧାୟକ ଅଶୋକ କୁମାର ଦାସ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ତୁରନ୍ତ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଏହି ଫେସବୁକ ଆକାଉଣ୍ଟ ବିରୋଧ ରେ ବାସୁଦେବପୁର ଥାନା ରେ ଲିଖିତ ଅଭିଯୋଗ ପାଇଁ ଯୁବ କଂଗ୍ରେସ କର୍ମୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଯୁବ କଂଗ୍ରେସ କର୍ମୀ ବାଦଲ ନାୟକ, ଟୁଟୁ ଖାନ୍, ଦୀପକ ନାୟକ, ବାପି ମହାନ୍ତି ପ୍ରମୁଖ ବାସୁଦେବପୁର ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ବାସୁଦେବପୁର ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ଯଥାମାନ୍ୟ ସମ୍ମାନ ବାସୁଦେବପୁର କଂଗ୍ରେସ ପ୍ରଦାନ କରେ, ଏଭଳି ପୋଷ୍ଟ ଆମକୁ ଦୁଃଖ ଦେଇଛି ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନା ଅଧିକାରୀଣୀଙ୍କୁ ଅନୁରୋଧ କରିଛନ୍ତି ବୋଲି କହିଁଛନ୍ତି ଯୁବ କଂଗ୍ରେସ କର୍ମୀ।



## ନବବର୍ଷର ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର

**ବାରିପଦା / କରଞ୍ଜିଆ,(ନି.ପ୍ର) :** ଚେତନା ରାଷ୍ଟ୍ର ଚିନ୍ତନ ଓ ଜାଗରଣ ସଂଗଠନ ତରଫରୁ 'ନବ ବର୍ଷର ଆହ୍ୱାନ' ଶୀର୍ଷକ ଆଲୋଚନା ଚକ୍ର ସ୍ଥାନୀୟ ମଧୁ ବାରିଷ୍ଟର ମାର୍ଗ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସଭାପତିତ୍ୱ କରି ଇଟରନିଟୀ ଅନ୍ତରାଷ୍ଟ୍ରୀୟ ଇଂରାଜୀ ପତ୍ରିକାର ସଂପାଦକ ହରେକୃଷ୍ଣ ମହାନ୍ତ ଦେଶ, ବିଦେଶରେ ଆଧ୍ୟାତ୍ମିକତା, ସେବା, ତ୍ୟାଗ ଓ ଉଦାରତା ର ପ୍ରସାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଭାରତୀୟ ମୁନି, ଋଷିଂକ ବିଚାରଧାରା ଓ ସତ୍ୟର ପାରାକାଷ୍ଠା ଦିନେ ନିଶ୍ଚୟ ବିଶ୍ୱ କୁ ଦିଗଦର୍ଶନ ଦେବ ବୋଲି ଭବିଷ୍ୟତ ବାଣୀ ଦେଇଥିଲେ। ଚେତନାର ପ୍ରତିଷ୍ଠାତା ସଭାପତି ଆଇନଜୀବି ସଂଜୟ କୁମାର ସାହୁ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦ କିଭଳି ଭାରତୀୟ ସନାତନ ଧର୍ମର ଉତ୍କୃଷ୍ଟତା କୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିଥିଲେ - ତାହା ଆମ୍ଭମାନଙ୍କର ପ୍ରେରଣା ହେଉ ବୋଲି ନବ ବର୍ଷରେ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥୀ ଭାବେ ସନାତନ ଧର୍ମର ପୃଷ୍ଟପୋଷକ ଚତୁର୍ଭୁଜ ଗ୍ରହାଚାର୍ଯ୍ୟ , ସମାଜସେବୀ ସିଦ୍ଧାର୍ଥ ରାୟ ଓ ରାଧାଶ୍ୟାମ ନାଏକ ଯୋଗଦେଇ ନୂଆ ବର୍ଷରେ ନୂଆ ବିଚାର, ଦର୍ଶନ ସହିତ ଆଗକୁ ବଢିବା ଉଚିତ ଓ ସମାଜର ମଂଗଳ ଦିଗରେ କାର୍ଯ୍ୟ କରବାକୁ ଆହ୍ୱାନ ଦେଇଥିଲେ।

